# ଆହ୍ୱାନ

ମାତୃଭାଷା ଓ ମାତୃଭୂମିର ସଜାଗ ପ୍ରହରୀ

**Volume 1, Issue 2,**
**March, 2006**


## ଭିତର ପୃଷ୍ଠାରେ ଅଛି


| | |
|---|---|
| ସଂପାଦକୀୟ | ୧ |
| ଓଡିଶା ପରିକ୍ରମା ପ୍ରଶ୍ନୋତ୍ତରୀ | ୧ |
| ଆହ୍ୱାନ, ଏକ ଅନୁଚିନ୍ତନର | ୨ |
| ପ୍ରଥମ ପ୍ରେମ | ୨ |
| ଅନୁଶୋଚନା | ୩ |
| ୟେ ଯୋ ପବ୍ଲିକ୍ ହୈ | ୪ |
| ଅନୁଚିନ୍ତନ | ୫ |
| ଏ ଯୁଗର ଏକଲବ୍ୟ | ୬ |
| ଶେଷ ଚିଠି | ୮ |
| ରଘୁରାଜପୁର: ପରିକ୍ରମା | ୯ |
| ସମୟ: ଧାରାବାହିକ କାହାଣୀ | ୧୦ |


## ଆମ ଠିକଣା:


ଡା ଜ୍ୟୋତି ପ୍ରସାଦ ପଟନାୟକ
ଆମ୍ବପୁଆ ମେଇନ୍ ରୋଡ୍
ବ୍ରହ୍ମପୁର-୭୬୦୦୧୦
ଓଡିଶା
ଫୋନ୍: ୯୨୩୮୬୮୫୬୯୮

dr.odia@gmail.com


## ସଂପାଦକୀୟ

ଫେବୃୟାରୀରେ ଶୀଘ୍ରତା ଭିତରେ ପରିପ୍ରକାଶ ପାଇଥିବା ଆହ୍ୱାନର ପ୍ରଥମ ଅଙ୍କକୁ ଅନେକେ ଏତେ ଉତ୍ସାହିତ ଭାବରେ ସ୍ୱାଗତ କଲେ ଯେ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନେ ଅଧିକରୁ ଅଧିକ ଓଡିଆ ମାନଙ୍କ ଇ-ମେଲ୍ ଠିକଣା ଆମପାଖକୁ ପଠାଉଛନ୍ତି । ବର୍ତ୍ତମାନ ଆମେ ଏହି ଆହ୍ୱାନକୁ ଆଉ ଏକ ପାଦ ଆଗକୁ ନେଇ ଯାଉଛୁ । ଆପଣ ମାନେ ପଢୁଛନ୍ତି ଏହାର ଦ୍ୱିତୀୟ ସଂସ୍କରଣ ବା ମାର୍ଚ୍ଚ ମାସର ସଂଖ୍ୟା ।

ଆମେ ସମସ୍ତେ ଉଣାଅଧିକେ ଆମରି ଭାଷାର ଅବନତି ପାଇଁ ଦାୟୀ । ମନରେ ଇଚ୍ଛାଥିବା ନିଶ୍ଚିତ କିନ୍ତୁ ଯେ କେବଳ ଇଚ୍ଛା କରିଦେଲେ ଭାଷାର ଉନ୍ନତି ହୋଇଯିବ ଏହା ଭାବିବା ବି ପୁରାପୁରି ଭୁଲ । ଭାବିଦେଖନ୍ତୁ ଆପଣ ଗତ ବର୍ଷ ମଧ୍ୟରେ କେତୋଟି ମାଗାଜିନ୍ କିଣିଛନ୍ତି? ଆଉ ସେ ସବୁ ମଧ୍ୟରୁ ଓଡିଆ ମାଗାଜିନ୍‌ଙ୍କ ସଂଖ୍ୟା କେତେ? ଯେତେଦୁର ସଂଭବ ଅନେକେ ଓଡିଆ ମାଗାଜିନ୍ ଦୁଇଟାର ନାମ ବି କହି ପାରିବେ ନାହିଁ । ଏହା ଆମପାଇଁ ଲଜ୍ଜାଜନକ ନୁହେଁ କି? ତା ହେଲେ ଆମେ କଣ କରିପାରିବା? ଅନେକ ବନ୍ଧୁ ସୁଦୁର ଆମେରିକା ଓ ଇଂଲଣ୍ଡରୁ ପତ୍ର ଲେଖି ଆମର ଏହି ଛୋଟିଆ ଚେଷ୍ଟାକୁ ପ୍ରଶଂସା କରିଛନ୍ତି, ଯେଉଁମାନେ ସମ୍ଭବତ: କେବେବି ଗୋଟିଏ ଓଡିଆ ପତ୍ରିକା ପାଇପାରିବେ ନାହିଁ । ସେମାନଙ୍କ ପାଇଁ ଆମର ଏହି ଚେଷ୍ଟା ଅନେକ ଫଳପ୍ରଦ ହୋଇ ପାରିବ ବୋଲି ଆମର ଆଶା ।

ଏଥର ଆମର ନିମନ୍ତ୍ରଣ ସତ୍ତ୍ୱେ ଅନେକ ଲୋକ କିଛି ବି ଲେଖା ପଠାଇଲେ ନାହିଁ ଯଦ୍ୟପି ଅନେକେ ଏହାକୁ କିପରି ଉଚ୍ଚକୋଟିର କରା ଯାଇ ପାରିବ ତାହା ପାଇଁ ସୁଚିନ୍ତିତ ମତାମତ ଦେଇଛନ୍ତି । ଆମେ ଆଗାମୀ ଦିନମାନଙ୍କରେ ସେ ସବୁ ବିଷୟପ୍ରତି ବିଶେଷ ଧ୍ୟାନ ଦେବୁ । ଆମର ଏହି ସଂସ୍କରଣରେ ରହିଛି ଗତ ବର୍ଷ ଅର୍ଥାତ ୨୦୦୫ରେ ଭାରତୀୟ ଗଣ ମାଧ୍ୟମ ଆପଣାଇଥିବା ନୁତନ ମନ୍ତ୍ର, ଗୋଇନ୍ଦା କ୍ୟାମେରା ଓ ଗୁପ୍ତ ଖବର । ଏହି ବିଷୟରେ ଏକ ଲେଖ ସହିତ ଅଛି ଅନେକ ଛୋଟବଡ ଗଳ୍ପ ଓ କବିତାର ଗୁଚ୍ଛ । ଆପଣ ମାନଙ୍କ ପାଇଁ ଆମେ ଏହି ସଂଖ୍ୟାରୁ ଆରମ୍ଭ କରୁଛୁ ଏକ ପ୍ରଶ୍ନୋତ୍ତରୀ ବିଭାଗ ଯେଉଁଥିରେ ବିଭିନ୍ନ ପ୍ରଶ୍ନ ଓ ତା'ର ଉତ୍ତର ଓଡିଆ ହେବାପାଇଁ ଗର୍ବିତ ହେବାର ଆଉ ଏକ ନୁତନ ଉତ୍ସାହ ଆଣିଦେବ ।

ଡା ଜ୍ୟୋତି ପ୍ରସାଦ ପଟନାୟକ

## ଓଡିଶା ପରିକ୍ରମା

ନିମ୍ନରେ ଦିଆଯାଇଥିବା ଦଶଟି ପ୍ରଶ୍ନର ଉତ୍ତର ଆପଣ ଜାଣନ୍ତି କି? ଜଦି ହଁ ତେବେ ଆଜି ହିଁ ଆମକୁ ଲେଖି ପଠାନ୍ତୁ ।

୧ ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ନାମ କଣ?

୨ ଓଡିଶାର ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କୁ ଇଂରେଜ ସରକାର କେଉଁଠାରେ ଫାସୀଦେଇଥିଲେ?

୩ ଓଡିଶାର ବିଖ୍ୟାତ ଧନୁଯାତ୍ରା ସମ୍ବଲପୁର ନିକଟବର୍ତ୍ତୀ କେଉଁ ସହରରେ ପ୍ରତି ବର୍ଷ ପାଳନ କରାଯାଏ?

୪ ଓଡିଶାର କେଉଁ ସହରକୁ ରେଶମସହର ବୋଲି କୁହାଯାଏ?

୫ ଓଡିଶାରେ ପ୍ରଥମ ଛାପାଖାନା କିଏ ଏବଂ କେଉଁଠାରେ ବସାଇଥିଲେ?

୬ ଓଡିଶାର ପ୍ରଥମ ପ୍ରେକ୍ଷାଳୟର ନାମ କଣ ଥିଲା?

୭ ପ୍ରଥମ ଓଡିଆ ଚଳଚ୍ଚିତ୍ରର ନିର୍ଦ୍ଦେଶକ କିଏ ଥିଲେ?

୮ ଭୁବନେଶ୍ୱର ଓ ପୁରୀ ମଧ୍ୟବର୍ତ୍ତୀ କେଉଁ ଗ୍ରାମକୁ ସରକାର ପର୍ଯ୍ୟଟନପାଇଁ ପ୍ରଥମଥର ପାଇଁ ପ୍ରଚାର ଓ ପ୍ରସାର କରାଇଥିଲେ?

୯ "ରହ ରହ କ୍ଷଣେ ବାଷ୍ପୀୟ ଶକଟ, ଦେଖିବି ଚିଲିକା ଚାରୁ ଚିତ୍ରପଟ" କବିତାର ଲେଖକ କିଏ?

୧୦ "ତୁମ ପରି ଛୋଟ ପିଲାଟିଏ, ଗାଁ ଚାହାଳିର ଚାଟ ସିଏ" କବିତାରେ ଲେଖକ କେଉଁ ମହାନ ବ୍ୟକ୍ତିଙ୍କ ଉପାଖ୍ୟାନ କରିଛନ୍ତି?

**ଉତ୍ତର ଆଗାମୀ ସଂସ୍କରଣରେ**

## ଆହ୍ୱାନ ଏକ ଅନୁଚିନ୍ତନର.........

ଗରୀବଙ୍କପାଇଁ ମାଲିମକଦ୍ଦମା
କୋର୍ଟ କଚେରୀ ପୁଲିସ ଭୟ,
ଆଇନର ପଶାପାଲିରେ ବିଚାରା
ଖେଳିପାରେନାହିଁ ଟଙ୍କାର ଖେଳ

ଖେଳ ଖେଳୁ ଖେଳୁ ଖେଳାଳି ବି କେବେ
ଖସାଇ ଦିଅଇ ନିଜର ଖେଳ
ଖୋଳ କରିଦିଏ ମାଳ ମାଳ ଟଙ୍କା
ଭୁଲିଯାଏ ନିଜେ, ସ୍ୱଦେଶ ସ୍ୱର

ସାଲେମ, ତେଲଗୀ ମାଫିଆଙ୍କୁ ନେଇ
କେସ୍ ପରେ କେସ୍ କେତେ ଚାଲଇ
ଟି ଭି ଚ୍ୟାନେଲରେ ବ୍ରେକିଙ୍ଗ ନିୟୁଜ
କେତେ ଦିନ ପାଇଁ ଖୁବ ସଜଇ

ବୋଫର୍ସ, ମନ୍ଦିର, ମସଜିଦ, ଗୋଖାଦ୍ୟ
ଖାଦ୍ୟ ସାଜିଥାଏ ନିୟୁଜ ପାଇଁ
ରାଜନୀତି ପଶାପାଲିରେ ସେ' ସବୁ
କାବୁ କରେ କାବୁ ଜନତା ପାଇଁ

ରାତାରାତି ନେତା ମନ୍ତ୍ରୀ ହୋଇଗଲେ
ଗରୀବି ହଟିବ କହିକୁହାଇ
ଧରାଧାମେ ନିଜ ନାମ ଆଙ୍କିଦେଇ
ଉନ୍ମୋଚନ କରେ ଫଳକ ଖାଲି

ସରକାର ତା'ର ଚାଲିଗଲା ପରେ
ରାସ୍ତାର ପଥର ସାଜଇ ସେହି
ଏମିତି ଯେ କେତେ କଥା ରହି ଅଛି
ଭାବିଲେ ମୁଣ୍ଡଟା ଘୁରି ବୁଲଇ
ଗରୀବଙ୍କ କଥା, ଜନତାର ବ୍ୟଥା
ବୁଝିବାକୁ ଏଠି କେହି ଯେ ନାହିଁ

ଡ ମେଜର ଗୋରୀପ୍ରସାଦ ମହାପାତ୍ର
ଅର୍ଥଶାସ୍ତ୍ର ପ୍ରଧ୍ୟାପକ, ସିଟି କଲେଜ,
ବ୍ରହ୍ମପୁର

# ପ୍ରଥମ ପ୍ରେମ

ଅରୁଣ କୁମାର ଜେନା

ଏ ଜୀବନରେ ବେଳେବେଳେ ଅସ୍ୱାଭାବିକ ପରିସ୍ଥିତି ଆସେ । ସେକଥା କିଏ ବା କହି ପାରିବ! ଏ ମାନବ କିଛି ପାଇବା ଲକ୍ଷ୍ୟରେ ଦୋଡିଯାଏ ଶେଷ ସୀମା ପର୍ଯ୍ୟନ୍ତ । ସୀମାନ୍ତ- ଅସୀମା ତା'ର ଆରମ୍ଭ କେଉଁଠି ଶେଷ କେଉଁଠି ସମୟ ହିଁ କହିଥାଏ । ଠିକ ମନେ ଅଛି ମୋର ଆଜିକୁ ସେହି ପାଞ୍ଚବର୍ଷ ତଳର କଥା, ସେଦିନ ଗୋଲାପ ଅପା ମୋତେ କହିଥିଲା, ତା'ର ଜୀବନର ପ୍ରେମ କାହାଣୀ ଏବଂ ସେ ମୋତେ କହିଥିଲା, 'ତୁ ତ ଭଲ ଲେଖା ଲେଖି କରୁଛୁ, କେବେ ଆମ ପ୍ରେମ କାହାଣୀ ବି ଲେଖିଦେବୁ ।'

ସେ ଦିନ ଗୋଲାପ ଅପା ବୁଲି ଯାଇଥିଲା ତା'ର ମାମୁଁ ଘରକୁ । ସେହି ସବୁଜ ଶ୍ୟାମଳା ଶସ୍ୟ କ୍ଷେତରେ ସଂଧ୍ୟା ସମୟରେ ଭେଟହୋଇଗଲା ମୋହନ ଭାଇ ସାଂଗରେ । ସୁନେଲି କିରଣର ଛଟା ଦେଇ ସୂର୍ଯ୍ୟ ଲୁଚିଯାଉଥାଏ ଗିରିତଳେ । ପକ୍ଷୀମାନଙ୍କର କିଚିରି ମିଚିରି ଶବ୍ଦ । ଆକାଶରେ ଧାଡିବାନ୍ଧି ଉଡୁଥାନ୍ତି ପକ୍ଷୀଗଣ । ବେଶ୍ ମନମୁଗ୍ଧକର ସେ ଦୃଶ୍ୟ । ବଣମଲ୍ଲୀର ବାସନା ଚତୁର୍ଦିଗକୁ ବ୍ୟାପିଯାଇଥାଏ । ସେହି ଶାଗୁଆ କ୍ଷେତରେ ଖେଳୁଥାନ୍ତି ଅନେକ ଛୋଟ ଛୋଟ ମୀନ । ପାଣିର କୁଳୁକୁଳୁ ନାଦ ସମସ୍ତଙ୍କୁ ମୋହିତ କରୁଥାଏ ।ଦୁ:ର୍ଭାଗ୍ୟ ଅବା ସୌଭାଗ୍ୟ ବଶତ: ଧକ୍କା ହୋଇଗଲା ଗୋଲାପ ଅପାର ମୋହନ ଭାଇ ସହିତ । ପ୍ରଥମ ଦେଖାର ପ୍ରଥମ ଚାହାଣୀ ମନମୁଗ୍ଧକର ସେହି ଅପୂର୍ବ ଚାହାଣୀ । ସତେ ଯେମିତି ତା' ସଂପୂର୍ଣ ଶରୀରରେ ହୋଇଥିଲା ଏକ କ- ନ । ଗୋଲାପ ଅପାର ସାଙ୍ଗ ମାନେ ହସୁଥାନ୍ତି । ଏବଂ କହୁଥାନ୍ତି ସେ ବା' ମୋହନ ମନ ଚୋରିକରିବା ତା'ର କାମ ।ଏହି ଗାଁର କେତେ ଝିଅ ତାର ପଛରେ ସେ କଣ କାହାରିକୁ ଧରାଦିଏ? ଏବେ ଧରାଦେଲା ଗୋଲାପ ହାତରେ । ତା'ପରେ ହସି ଚାଲିଯାଇଥିଲେ, ଯିଏ ଯା ଘରକୁ । ଏ ବାସ୍ତବିକ ଜୀବନ ଉଷ୍ଣଆର୍ଦ୍ରତା ଏତେ ରସାତଳ ହୋଇଯାଏ ତା' ସମୟ ହିଁ କହିବ । ତା'ପରେ ସେ ଦୁହିଁକ ମଧ୍ୟରେ ପତ୍ରର ଆଦାନ ପ୍ରଦାନ ହେଲା । ପ୍ରେମପତ୍ରରୁ ନିମନ୍ତ୍ରଣ ପତ୍ର ବେଶୀ ସମୟ ଲାଗିଲାନି, ଦିନା କିଛିଟା ମଧ୍ୟରେ ଦୁହିଁଙ୍କ ବିବାହ ବି ହୋଇଗଲା ।

ଗୋଲାପଅପା ଆଜି ଗୋଲାପ ଶଯ୍ୟାରେ ବସିଛି, ମୋହନ ଭାଇ ଆସି ଟେକିଲେ ଓଢଣୀ, ମୁହଁ ଲୁଚେଇନେଲା ଗୋଲାପଅପା । ମୋହନ ଭାଇ କହିଲା ସେ ଦିନ କଥା ମନେ ଅଛି ଯେଉଁ ଦିନ ତୁମେ ସାଙ୍ଗମାନଙ୍କ ସହିତ ଗାଁ ପୋଖରୀ ତୁଠରେ ଗାଧୋଉଥିଲ? ଆଉ ମୁଁ ଏପାଖ ତୁଠରେ ଏକା ଥାଏ । କାହିଁକି କେଜାଣି ତୁମ ଭିଜା ଯୋବନଟି ମୋ ଆଖି ଆଗରେ ନାଚି ଉଠିଲା । ଭାବୁଥିଲି ମାଛଟିଏ ହୋଇ ପାରନ୍ତି କି, ତୁମ ଦେହକୁ ଯାଇ ଚୁମି ପକାନ୍ତି । ଗୋଲାପ ଅପା କହିଲା, 'ଛି ତୁମ ପୁଅଜାତିଟା ଭାରି ଅଲାଜୁକ ।' ଆଉ ଆଉଯିଗଲା ମୋହନ ଭାଇ ଛାତିରେ । ସେଦିନର ସେହି ମଧୁର ମିଳନ କିଛିଦିନ ପରେ ମଉଳେଇ ଦେଇଥିଲା ଗୋଲାପଅପାକୁ । ସ- ର୍କର ସେତୁରେ ବନ୍ଧାସେହି ମୋହନ ଭାଙ୍ଗିପାରି ନ ଥିଲା ସେ ଗାଢ ଶେତୁକୁ ।

ମୋହନ ଭାଇ ବେଶୀ ଧ୍ୟାନ ଦେଇଥିଲା ପରିବାରକୁ । ଆଉ ଗୋଲାପ ଅପା ଚାହୁଁଥିଲା ମୋହନ ଭାଇର ସେହି ଅନାବିଳ ପ୍ରେମ ଯାହା ବିବାହ ପୂର୍ବରୁ ସେ ପାଉଥିଲା କିନ୍ତୁ ଭୁଲିଯାଉଥିଲା ଯେ ମୋହନ ଭାଇ ଖାଲି ଘରେ ବସି ରହି ତ ପାରିବ ନାହିଁ କାରଣ ବାପାମାଁ ଙ୍କର ଏକ ମାତ୍ର

> ହ ଠାତ୍ ଦିନେ ଗାଁ ହାଟରେ ପୁଣି ସାମନାରେ ପଡିଗଲେ ମୋହନ ଭାଇ । କିନ୍ତୁ କିଛି ନ ଜାଣିଲାପରି ଆଉ ନ ଚି ହ୍ନି ଲ । ପରି ଚାଲି ଯାଇଥିଲେ ନିଜ ନୁଆ ସ୍ତ୍ରୀଙ୍କ ହାତ ଧରି ।

ସନ୍ତାନସେ । ସେଇଥିପାଇଁ ସେ ତା' ମାଁଙ୍କ ଆଡକୁ ଟିକେ ଅଧିକ ଧ୍ୟାନ ଦେଉଥିବାର ଗୋଲାପ ଅପା ସହି ପାରିଲା ନାହିଁ ।

ସବୁ କଥାରେ ମୋହନ ଭାଇ କେବଳ ନିଜ ମା'ଙ୍କୁ ହିଁ ପଚାରି କରୁଥିଲା ଆଉ ଗୋଲାପ ଅପାର ସବୁ ସ୍ୱପ୍ନ ଯାହା ବାହାଘର ପୂର୍ବରୁ ସେ ଦେଖିଥିଲା ଭାଙ୍ଗି ଚୁର୍‌ମାର ହୋଇ ଗଲା ପରି ଲାଗିଲା । ଘୁମୁରି ହେଉଥାଏ ଗୋଲପଅପା । ଲୁହ ପୋଛିବାକୁ ପଣତକାନି ହେଇଥାଏ ସାହା ଭରଷା । ମନେ ପଡୁଥିଲା ଅତୀତର ସ୍ମୃତିସବୁ । ରାଗରେ ସେ ଚାଲି ଆସିଥିଲା ବାପା ଘରକୁ । ତେଣେ ଶାଶୁର ବି ଜିଦ୍ ଯାଇଛି ତ ଯାଉ । ଦେଖୁ ଦେଖୁ ତିନି ବର୍ଷ କେମିତି ବିତିଗଲା କିଛି ଜାଣିପାରିନି ସେ । ଆଉ ମୋହନ ଭାଇ କରିବସିଥିଲା ନୁଆଁ ସଂସାର, ପୁଣିଥରେ ବାହା ହୋଇସାରିଥିଲା ସେ ।

ହଠାତ୍ ଦିନେ ଗାଁ ହାଟରେ ପୁଣି ସାମନାରେ ପଡିଗଲେ ମୋହନ ଭାଇ । କିନ୍ତୁ କିଛି ନ ଜାଣିଲାପରି ଆଉ ନ ଚିହ୍ନିଲାପରି ଚାଲିଯାଇଥିଲେ ନିଜ ନୁଆ ସ୍ତ୍ରୀଙ୍କ ହାତ ଧରି । ଏକା ଲୟରେ ଧାଇଁ ଆସିଲା ଗୋଲାପ ଅପା ସେଇଠୁ ହେଲେ ବାଟରେ ଦେଖାଦେଲେ ଜଣେ ସାଧୁବାବା । ସ୍ୱଭାବସୁଲଭ ସ୍ୱରରେ ସାଧୁ କହିଲେ,

'ଝିଅ କାନ୍ଦୁଛୁ କାହିଁକି? କଣ କେବଳ ତୁ ଦୁଃଖୀ? ଯା ସେ ବରଗଛ ମୂଳକୁ ଯା, ଦେଖିବୁ ସେ ବି କାନ୍ଦୁଥିବ ।'

> ଗୋଲାପ ଫୁଲ ଯେମିତି ସୌନ୍ଦର୍ଯ୍ୟ, ପୂଜା ଓ ପ୍ରେମର ଉପହାର ଠିକ ତୁ ବି ସେମିତିଟିକେ ହୋଇପାରିଥିଲେ ବୋଧହୁଏ ଆଜି ତୋ ସୁନାର ସଂସାର ଖୁଶିରେ ହସି ଉଠୁଥାଆନ୍ତା

ଗୋଲାପ ଅପା । ଦୋଡିଗଲା । ମୁଣ୍ଡରେ ହାତଦେଇ ମୋହନ ଭାଇ ବସିଥାଏ ଆଉ ଆଖିରୁ ଦୁଇଧାର ଲୁହ ଝରି ପଡୁଥାଏ । ଗୋଲାପଅପା ଚାହୁଁଥିଲା ଆଗକୁ ଯାଇ ତା' ପରମପ୍ରିୟ ମଣିଷଟିର ଆଖିରୁ ଲୁହ ପୋଛିଦେବ କିନ୍ତୁ ବିବେକ ବାଧା ଦେଉଥିଲା । ସେ ଯେ ବର୍ତ୍ତମାନ ଆଉ କାହାର ପରମ ପୂଜ୍ୟ ଆଉ କାହାର ଜୀବନର ମଣି । ସେ କେମିତି ବା ତା' ଦୁନିଆକୁ ଛାରଖାର କରିପାରିବ । କାହାର ଖୁଶି ସଂସାରରେ କାହିଁକି କାଳିମାର ଚନ୍ଦ୍ରମା ହେବ ସେ, ଯେ ନିଜେ ଅନ୍ଧକାରରେ ବାଟ ଖୋଜି ପାଉନି ତା' ପାଖକୁ ବା କାହିଁକି ଆସିବ ମୋହନ ଭାଇ । ହୃଦୟର କୋହ ମଥନର ବେଦନା କେବଳ ସମୟ ହିଁ ବୁଝିପାରେ । କିଛି ନ କହି ସେ ଫେରି ଆସିଲା ।

ମୋତେ ବାଟରେ ଦେଖି ସବୁ କହିଲା, ଆଉ ପୁଣି ପ୍ରଶ୍ନ କଲା,ସେ ସାଧୁ ଜଣକ କିଏ? ମୁଁ କହିଲି ଭଗବାନ ବି ହୋଇପାରନ୍ତି । ଜାଣିଛୁ ଗୋଲାପ ଅପା ତୁ ବହୁତ ଭଲ ପାଉଥିଲୁ ମୋହନ ଭାଇଙ୍କୁ, ତୁ ଯାହା ଚାହୁଥିଲୁ କିଛି ଅଧିକ ନଥିଲା କିନ୍ତୁ ତୁ ଭୁଲି ଗଲୁ ଯେ ତୋ ବ୍ୟତୀତ ମୋହନ ଭାଇଙ୍କର ଏକ ପାରିବାରିକ ଜୀବନ ବି ଅଛି ବୋଲି । ଚାହିଁଥିଲେ ତୁ ଭାଇଙ୍କର ହାତଧରି ଖୁସିରେ ସଂସାର କରିପାରିଥାନ୍ତୁ, କିନ୍ତୁ ତୁ ତାହା କରି ପାରିଲୁ ନାହିଁ । ନିଜର ଜିଦ୍ କୁ ରକ୍ଷା କରିବାକୁ ଯାଇ ତୁ ନିଜର ହିଁ କ୍ଷତି କଲୁ । ଆଜି ଯେତେବେଳେ ମୋହନ ଭାଇ କାନ୍ଦୁଥିଲେ ସେତେବେଳେ କଣ ତୋ ମନରେ ଟିକେ ହେଲେ ଦୟା ଆସିଲା ନାହିଁ ତେବେ କାହିଁକି ତୁ ଆଗକୁ ଗଲୁନି? ଭାଇଙ୍କ ଆଖିର ଲୁହ ପୋଛିଲୁନି? କାରଣ ତୁ ଦୋଷୀ । ନିଜର ଭଲ ପାଇବାଟାକୁ ତୁ ଜବରଦସ୍ତ ମୋହନ ଭାଇଙ୍କ ଉପରେ ଲଦିଦେବାକୁ ଚେଷ୍ଟାକଲୁ, ଆଉ ଯେଉଁ ମନର ମଣିଷଟିକୁ ଭଲ ପାଇଥିଲୁ ତାହାର ପରିବାରକୁ ନିଜର କରି ପାରିଲୁନି?? ଅତୀତର ସବୁ କଥାକୁ ପଛରେ ପକାଇ, ଭବିଷ୍ୟତ କଥା ଚିନ୍ତା କରି, ବର୍ତ୍ତମାନକୁ ଆଖିଆଗରେ ରଖି ଆଗେଇଚାଲିଲୁ ଜୀବନର ପଥରେ ।

କେତେ କଷ୍ଟ ନ ସହିଛୁ, ସାହିପଡିଶାଙ୍କ ଟାହିଟାପର କେତେ

ଅବଶିଷ୍ଟାଂଶ ତ୍ରୟୋଦଶ(୧୩) ପୃଷ୍ଠାରେ

## ଅନୁଶୋଚନା

ସମୟର ସୂତାଖିଅ
ବୁଡିଆଣୀର ଜାଲ
ଗ୍ରୀଷ୍ମର ନିଦାଘ ଖରାବେଳେ
କ୍ଲାନ୍ତ ପଥିକର ମୁଣ୍ଡର ଝାଳ

ଶୀତତାପ ନିୟନ୍ତ୍ରିତ ନିଭୃତ
କୋଠରୀ
ଗରିବଙ୍କ ପାଇଁ ଭଙ୍ଗାଚାଳ
ଅନୀତି ଅନ୍ୟାୟ ଅରାଜକତାର
ବିତେ ଜନଜୀବନର କାଳ

ଥକି ପଡୁଥିବା ସରଳ ମଣିଷ
ବହି ଯାଉଥିବା ପାଣିର ଝର
ବୃଦ୍ଧବୟସରେ ବାଲ୍ୟ ଚେତନ
ଭୁଲି ନ ହୁଅଇ ସେ ପିଲାବେଳ

ବଞ୍ଚିବାକୁ ଘଡି ଦୁଇ ଘଡି କ୍ଷଣ
ମନକୁ ମାରି ଯେ ସର୍ବଦା ହସେ
ସାଗର କୁଳରେ ମାଳ ମାଳ ଢେଉ
ତଥାପି କାହିଁକି ଅଛି ମୁଁ ଶୋଷେ

ଉଦିତ ସୂର୍ଯ୍ୟର ନିଷ୍ପାପ ଆଭା
ବାଟ ଚାଲି ଶିଖେ ଆଜିର ଏ ଯୁବା
ଚିନ୍ତାଦୁଶ୍ଚିନ୍ତା ଆଉ ଅପଚିନ୍ତା
ଜୀବନ ମଞ୍ଚରେ ଖେଳନ୍ତି ଖେଳ

ଜନ୍ମଦେଇ ଧରା ନ ଦିଅଇ ଧରା
କାହା ଆଗେ ଆଉ କରିବି ରୋଷ
ହିସାବ କାହାର ଲାଭ କ୍ଷତି କଣ
ବୁଝିବାକୁ ଆଉ ନାହିଁ ମୋ ବଳ

## ଯେ ଜୋ ପବ୍ଲିକ ହେ.....

୨୦୦୫, ଏକ ଖବର ବହୁଳ ବର୍ଷ । ଏହି ବର୍ଷ ପ୍ରାୟ ପ୍ରତ୍ୟେକ ଦିନକିଛି ନା କିଛି ନୂଆ ଘଟଣା ଘଟିଛି ଯାହାଦ୍ୱାରା ଭାରତର ଗଣମାଧ୍ୟମ ଶାଶୁବୋହୁଙ୍କ ଝଗଡା ଛାଡି ଖବର ଆଡକୁ ଆଗ୍ରହୀ ହୋଇପଡିଥିଲେ । ଏହି ବର୍ଷ ଏମିତି କିଛି ଖବରଥିଲା ଯାହା ଖବରକାଗଜର ପୃଷ୍ଠାମଣ୍ଡନ କରିଥିଲା ବର୍ଷତମାମ ଆଉ ତାହା ଥିଲା, '**ଲୁକ୍କାୟିତ କ୍ୟାମେରା ଦ୍ୱାରା ଦୁର୍ନୀତିର ପର୍ଦାଫାସ**' । ଗୋଟିଏ ବର୍ଷ ଯାହା ଭାରତୀୟ ଗଣମାଧ୍ୟମକୁ ଚିରାଚରିତ ସମ୍ବାଦ ପରିବେଷଣରୁ ଆଣି ଥୋଇଦେଇଥିଲା ଆଧୁନିକତା ଓ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ନୂଆ ଦିଗନ୍ତରେ ।

ଏହି ବର୍ଷର ପ୍ରତ୍ୟେକ ମାସ ବା ଏମିତି କହି ପାରିବା ପ୍ରତ୍ୟେକ ସପ୍ତାହଥିଲା ଘଟଣାବହୁଳ । ପ୍ରାୟ ଅଧିକାଂଶ ସ୍କାମ୍ ବା ସ୍କାଣ୍ଡାଲ୍ ବା ଦୁର୍ନୀତି ଉପରୁ ପରଦା ଉଠିଥିଲା ଏହି ବର୍ଷ, ଆଉ ସବୁରି ମୂଳରେ ଥିଲା ଗୋଟିଏ ପଦାର୍ଥ- ଲୁକ୍କାୟିତ କ୍ୟାମେରା । ଏହି ବର୍ଷ ଭାରତର ଜନସାଧାରଣଙ୍କ ପାଇଁ ଖବର ଗୁଡିକ କେବଳ ସୂଚନା ହୋଇ ନଥିଲା ବରଂ ଥିଲା ମନୋରଞ୍ଜନ ମଧ୍ୟ । ସେଇଥିପାଇଁ ଆବାଳବୃଦ୍ଧବନିତା ସମସ୍ତେ କେବଳ ନ୍ୟୁଜ୍ ଚାନେଲର ଭକ୍ତ ହୋଇଯାଇଥିଲେ । ଖବରଠାରୁ ବି ଅଧିକ ସେଥିରେ ପ୍ରଦର୍ଶିତ ହେଉଥିବା ଛବି ସବୁକୁ ଦେଖିବା ପାଇଁ ଅନେକେ ଟି ଭି ଦେଖିବା ଆରମ୍ଭ କରିଦେଲେ । ଆଉ ଏହା ସବୁପରେ ଟେଲିଭିଜନ୍ ଦେଖୁଥିବା ଦର୍ଶକଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧିପାଇଥିଲା । ଶାଶୁବୋହୁଙ୍କ କଳି ଦେଖି ଆନନ୍ଦିତ ହେଉଥିବା ଭାରତୀୟ ଜନତା ହଠାତ୍ ନ୍ୟୁଜ୍ ଚାନେଲ୍ ଗୁଡିକ ପ୍ରତି ଆକର୍ଷିତ ହୋଇ ପଡିଲେ ।

ଏହି ପରିବର୍ତ୍ତନକୁ ଆମେ କଣ କହିବା । ଲୋକମାନଙ୍କ ମଧ୍ୟରେ ସମାଜରେ ଘଟୁଥିବା ଘଟଣା ମାନଙ୍କ ପ୍ରତି ଜାଗୃକତା ନା ଖବର ନାମରେ ଟିଭିରେ ଦେଖାଯାଉଥିବା ନଗ୍ନ ଓ ଅଶ୍ଳୀଳ ଛବି ଦେଖିବାର ପାଗଳାମୀ । ଏହାକୁ ଗଣମାଧ୍ୟମର ସ୍ୱତନ୍ତ୍ରତା କହିବା ନା ଆଉ କିଛି???

ବର୍ଜ୍ୟ ବା ଅସ୍ୱାଭାବିକତା ପ୍ରତି ଆସକ୍ତି ମାନବର ଜନ୍ମଜାତ ପ୍ରବୃତ୍ତି । ଛୋଟଛୁଆଟିକୁ ନିଆଁ ପାଖକୁ ଯିବାକୁ ମନା କଲେ ସେ ଜିଦ୍ କରି ସେହି ନିଆଁରେ ହିଁ ଖେଳିବାକୁ ଭଲ ପାଏ ।

## ୨୦୦୫ରେ ଚାଞ୍ଚଲ୍ୟସୃଷ୍ଟି କରିଥିବା କେତୋଟି ମୁଖ୍ୟ ସମ୍ବାଦ:

- ଫେବୃୟାରୀ: ଇଣ୍ଡିଆ ଟିଭି: ବିହାରର ଦୁଇଜଣ ବିଧାୟକ କଲ ଗାର୍ଲ (ବେଶ୍ୟା) ମାନଙ୍କ ସହିତ ଦିଲ୍ଲିସ୍ଥିତ ବିହାର ଭବନରେ ଯୌନ ସଂଭୋଗରେ ଲିପ୍ତଥିବାର ଦୃଶ୍ୟ ।
- ଗୁଜୁରାଟର ପ୍ରସିଦ୍ଧ ସ୍ୱାମୀନାରାୟଣ ମନ୍ଦିରରେ ସାଧୁମାନଙ୍କ ଭକ୍ତ ମାନଙ୍କ ସହ ଯୌନ ସଂଭୋଗର ଦୃଶ୍ୟ ।
- ମାର୍ଚ୍ଚ: ଝାଡଖଣ୍ଡରେ ନିର୍ବାଚନବେଳେ ବିଜେପିର କର୍ମକର୍ତ୍ତାଙ୍କ ଘୋଡାବ୍ୟାପାରର ଦୃଶ୍ୟ ।
- ଇଣ୍ଡିଆ ଟିଭି: ଅପରେସନ୍ କାଷ୍ଟିଙ୍ଗ୍ କାଉଚ୍- ଶକ୍ତିକପୂରଙ୍କ ଅଭିନୟ ପାଇଁ ସୁଯୋଗ ମାଗୁଥିବା ଜନୈକା ମହିଳାଙ୍କୁ ଯୌନ ଆବେଦନ ।
- ଟେଲିଭିଜନ୍ ର ଜନୈକ ବିଖ୍ୟାତ କଳାକାର ଅମନ ବର୍ମା ଜଣେ ସାଂବାଦିକାଙ୍କୁ ନିଜ ଶୟନ କକ୍ଷକୁ ନିମନ୍ତ୍ରଣ କରିବାର ଦୃଶ୍ୟ ।
- ମେ: ଆଜ୍ତକ୍: ଅପରେସନ୍ ଘୁସ୍ ମହଲ୍ । ଦିଲ୍ଲୀ ସେଲସ୍ ଟାକ୍ସ୍ ବିଭାଗର ୮୨ ଜଣ କର୍ମଚାରୀ ଲାଞ୍ଚ ନେବା ବେଳେ ଗୋଇନ୍ଦା କ୍ୟାମେରାରେ ବନ୍ଦ ।
- ଅଗଷ୍ଟ: ଷ୍ଟାର୍ ନ୍ୟୁଜ୍: ଝାଡଖଣ୍ଡ୍ ଆଇ ଜି (ଇନ୍ସ୍ପେକ୍ଟର ଜେନେରାଲ) ପି ଏସ୍ ନଟରାଜନ୍ ଙ୍କୁ ଜନୈକା ଆଦିବାସୀ ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଦେବାର ଚିତ୍ର ଟି ଭି ରେ ଦେଖାଯିବା ପରେ ଚାକିରୀରୁ ବହିଷ୍କୃତ କରାଗଲା ।
- ଅକ୍ଟୋବର: ଇଣ୍ଡିୟା ଟିଭି: ଦାଉଦ୍ ଇବ୍ରାହିମ୍ ର ପାର୍ଟିରେ ଗୋବିନ୍ଦା ଭାଗନେବାର ଦୃଶ୍ୟ ଦେଖାଗଲା ।
- ଅକ୍ଟୋବର: ଏନ୍ ଡି ଟି ଭି: ଦିଲ୍ଲୀ ପୋଲିସର କର୍ମଚାରୀ ଜନୈକ ଆତ୍ମହତ୍ୟା କରିଥିବା ବ୍ୟକ୍ତିର ଶବ ହସ୍ତାନ୍ତରକରିବା ପାଇଁ ଲାଞ୍ଚ ମାଗିବା ଟି ଭି ରେ ଦେଖାଯାଇଥିଲା
- ନଭେମ୍ବର: ଏନ୍ ଡି ଟି ଭି: ଭାରତୀୟ ରେଳ ବିଭାଗରେ ନିଯୁକ୍ତ ସୁରକ୍ଷା କର୍ମଚାରୀ ରେଳଯାତ୍ରୀମାନଙ୍କୁ ହଇରାଣ କରୁଥିବାର ଦୃଶ୍ୟ ଦେଖାଯାଇଥିଲା ।
- ନଭେମ୍ବର: ଷ୍ଟାର ନ୍ୟୁଜ୍: ଦିଲ୍ଲୀରେ ଡାକ୍ତରମାନେ ନବଜନ୍ମିତ ଶିଶୁଙ୍କୁ ବିକ୍ରି କରୁଥିବାର ଦୃଶ୍ୟ ଦେଖାଯାଇଥିଲା ।
- ଡିସେମ୍ବର: ଆଜ୍ ତକ୍: ଅପରେସନ୍ ଦୁର୍ଯୋଧନ କ୍ୟାମେରାରେ ସାଂସଦ ମାନେ ପ୍ରଶ୍ନକାଳରେ ପ୍ରଶ୍ନ ଉତ୍ଥାପନ କରିବାପାଇଁ ଲାଞ୍ଚ ନେବାର ଦୃଶ୍ୟ ଦେଖାଯାଇଥିଲା ।
- ଡିସେମ୍ବର: ଷ୍ଟାର ନ୍ୟୁଜ୍: ଅପରେସନ୍ ଚକ୍ରବ୍ୟୁହ୍ ସାଂସଦମାନେ ଆଞ୍ଚଳିକ ଉନ୍ନୟନ ଅର୍ଥକୁ ଦେବାପାଇଁ କମିସନ୍ ନେବାର ଦୃଶ୍ୟ ଦେଖାଯାଇଥିଲା
- ଡିସେମ୍ବର: ଭାରତୀୟ ଜନତା ପାର୍ଟିର ଜେନେରାଲ ସେକ୍ରେଟାରୀ ସଂଜୟ ଯୋଷୀ ବେନାମୀ ସିଡିରେ ଜନୈକ ମହିଳାଙ୍କ ସହିତ ଆପତ୍ତିଜନକ ସ୍ଥିତିରେ ଦେଖାଯିବା ପରେ ନିଜ ପଦରୁ ଇସ୍ତଫା ଦେଇଥିଲେ ।
- ଡିସେମ୍ବର: ଆଜ୍ ତକ୍: ଟିଭି ସାମ୍ବାଦିକ ମାନେ ନିଜକୁ ଡାକ୍ତର କହି ମୁମ୍ବାଇର ଲିଳାବତୀ ହାସପାତାଳରେ ଅମିତାଭ ବଚ୍ଚନଙ୍କ ଚିକିତ୍ସା କକ୍ଷରେ ପ୍ରବେଶ କରିଥିଲେ ।
- ଡିସେମ୍ବର: ସମାଜ ବାଦୀ ପାର୍ଟି ନେତା ଅମର ସିଂହଙ୍କ ଫୋନ୍ ଟ୍ୟାପ କରାଯିବାର ଖବର ଚର୍ଚ୍ଚାରେ ଆସିଥିଲା

ସଭ୍ୟତା ଓ ସଂସ୍କୃତିର ଶୃଙ୍ଖଳରେ ଛନ୍ଦିହୋଇଥିବା ଭାରତୀୟ ଜନତାଙ୍କୁ ଲୋଭାଇବା କୋଣସିପ୍ରକାର କଷ୍ଟକର ବ୍ୟାପାର ନୁହେଁ । ସାଧାରଣପରି ଦିଶୁଥିବା ସ୍ତ୍ରୀ ଲୋକ ଜଣଙ୍କୁ ଯଦି ସୁନା ଲଦି ଦିଆଯାଏ ସେ ଅପରୂପା ସୁନ୍ଦରୀ ପରି ଦେଖାଯାଏ, ଠିକ ସେହି ନ୍ୟାୟରେ ଆମର ଘରକୁ ଆସୁଥିବା ପ୍ରତ୍ୟେକ ନ୍ୟୁଜ୍ ଚାନେଲ୍‌ରେ ସାଧାରଣ ଖବରକୁ ସେମାନେ ଅଧିକରୁ ଅଧିକ ମସଲାଯୋଡି ପରିବେଷଣ କରନ୍ତି । ସେହି ଦୃଶ୍ୟସବୁକୁ ଦେଖିବା ପାଇଁ କାହିଁକି ବା ଜଣେ ବ୍ୟାକୁଳ ନ ହେବ ତାହା କହିବା ନିଶ୍ଚୟ ଆଲୋଚନା ଯୋଗ୍ୟ ।

ଦିନକୁ ଦିନ ଜୀବନଯାତ୍ରା ଯେତେ ଜଟିଳହୋଇଯାଉଛି, ସମ୍ଭବତ: ଆମର ଏକାନ୍ତ ବ୍ୟକ୍ତିଗତ କ୍ଷଣଗୁଡିକ ମଧ୍ୟ ସେମିତି ସର୍ବସାଧାରଣଙ୍କ ପାଇଁ ଆମୋଦର ବସ୍ତୁ ହୋଇ ଯାଉଛି । ବର୍ତ୍ତମାନବି ଆମ ଦେଶରେ ଏମିତି ଲୋକ ଅଛନ୍ତି, ଯେଉଁମାନେ କେଉଁ ଯୁଗଯୁଗରୁ ଗାଁ ପୋଖରୀ ତୁଠରେ ପୁଙ୍ଗୁଳାଦେହ ଦେଖାଇ ଗାଧୋଇବା ସତ୍ତ୍ୱେ କେବେବି କାହାର କଟୁ ନୟନର ଶିକାର ହୋଇନାହାନ୍ତି । ଅଥଚ ଆଜି ଟିଭିରେ ଜନୈକା ନାମଧେୟ ଅଭିନେତ୍ରୀଙ୍କ ସ୍ନାନାଗାର ଭିତରେ ଲୁଚାରେ ନିଆଯାଇଥିବା ଦୃଶ୍ୟ ଦେଖିବାପାଇଁ ପୁରା ଦେଶ ପାଗଳ!!!! ସ୍ୱାଭାବିକ ଭାବରେ ଜୀବନଯାପନ କରୁଥିବା ନିରିହ ଲୋକଟିଏ ଅନ୍ୟଜଣଙ୍କ ଶୟନକକ୍ଷରେ ଘଟୁଥିବା ଅନ୍ତରଙ୍ଗ ମୁହୁର୍ତ୍ତର ଛବି ଦେଖି ପାଗଳପ୍ରାୟ ଆନନ୍ଦିତ ହୋଇ ଉଠୁଛି । ଯଦି ଆପଣ ବିଶ୍ୱାସ କରନ୍ତି ତେବେ ଏକ ଅସମର୍ଥିତ ସୂତ୍ରରୁ ପ୍ରକାଶ କରାଯାଇଛି ଯେ ଗତବର୍ଷ (୨୦୦୫) ହିନ୍ଦୀ ଚଳଚ୍ଚିତ୍ର ତୁଳନାରେ ଅଧିକ ସଂଖ୍ୟାରେ ଏମିତି ସିଡି (Compact Disc) ବିକ୍ରି ହୋଇଥିଲା ଯେଉଁଥିରେ ଏମିତି ଲୁଚାଚୋରାରେ ଫୋଟୋନିଆଯାଇଥିବା ଦୃଶ୍ୟଥିଲା ।

ଝରକାଫାଙ୍କ ଅଥବା କବାଟର କି-ହୋଲ୍ (ଚାବି ପାଇଁ ଥିବା କଣା) ମଧ୍ୟଦେଇ ଅନ୍ୟ କୋଠରୀରେ ଘଟୁଥିବା ଘଟଣା ଦେଖିବା କିଛି ନୁଆ କଥା ନୁହେଁ । କିନ୍ତୁ ଯେତେବେଳେ ଏହାକୁ କ୍ୟାମେରାରେ ଉତ୍ତୋଳନ କରି ଆମେ ପଣ୍ୟଦ୍ରବ୍ୟ ପରି ବଜାରରେ ବ୍ୟବସାୟ କରିବା, ତା'କୁ ଆମେ କେମିତି ଯଥାର୍ଥ ବୋଲି ବିବେଚନା କରିବା?? ତଥାପି ଅନେକ ଲୋକ ଏହାକୁ ଏକ ପେଶାବୋଲି ବିବେଚନା କଲେଣି ।

ବିବାହୋପରାନ୍ତ ମଧୁଚନ୍ଦ୍ରିକା (ହନିମୁନ୍) କରିବା ପାଇଁ କୋଣସି ଏକ ନୁଆ ସହର କିମ୍ବା ପର୍ଯ୍ୟଟନସ୍ଥଳକୁ ଆସିଥିବା ନବଦମ୍ପତି କିଛି ଦିନପରେ ନିଜର ଅନ୍ତରଙ୍ଗମୁହୁର୍ତ୍ତ ସବୁକୁ କମ୍ପ୍ୟୁଟରରେ ପ୍ରଦର୍ଶିତ ହେଉଥିବା ଦେଖିବା କିଛି ବିରଳ ଘଟଣା ନୁହେଁ । ଏକା ଦିଲ୍ଲୀସହରରେ ଗତବର୍ଷ ଏମିତି କୋଡିଏ କିଛି ଘଟଣା ପୋଲିସପାଇଁ ହରଡଘଣାରେ ପରିଣତ ହୋଇଛି । ଆଉ ଏହା ସମ୍ଭବ ହୋଇପାରିଛି ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରସାର ଓ କମ ମୂଲ୍ୟରେ ଗୋଇନ୍ଦା କ୍ୟାମେରାର ଉପଲବ୍ଧ ହେବା । ଏହି ସବୁ ଉପକରଣ ଏତେ ସାନ ଯେ ଯେ କୋଣସି ବ୍ୟକ୍ତି ଏହାକୁ ନିଜର ସାର୍ଟର ବୋତାମରେ ବି ଖଞ୍ଜି ନେଇପାରିବ ।

ସ୍ୱାଧୀନତା ପରବର୍ତ୍ତି ଅର୍ଦ୍ଧଶତକରୁ ଅଧିକ ବର୍ଷ ମଧ୍ୟରେ ଆମେ ସ୍ୱେଚ୍ଛାରେ ନିର୍ବାଚିତ କରି ଭାରତୀୟ ସଂସଦକୁ ପଠାଇଥିବା ସାଂସଦମାନେ କେତେ ପାରଦର୍ଶିତାର ସହ କାମକରନ୍ତି ତାହା ସମସ୍ତେ ଜାଣନ୍ତି କିନ୍ତୁ, ତାହାର ଏକ ନିଛକ ନମୁନା ୨୦୦୫ର୍ ଉତ୍ତରାର୍ଦ୍ଧରେ ଦେଖିବାକୁ ମିଳିଥିଲା ଯେଉଁଥିରେ ସଂସଦରେ ପ୍ରଶ୍ନକାଳରେ ଜନତାଙ୍କ ହିତପାଇଁ ପ୍ରଶ୍ନଉଠାଇବା ଓ ଆଲୋଚନା କରାଇବା ପାଇଁ ଏଗାର ଜଣ ସାଂସଦ ସାଂବାଦିକ ମାନଙ୍କଠାରୁ ଲାଂଚ ନେଉଥିବା ବେଳେ ଷ୍ଟିଙ୍ଗ୍ ଅପରେସନ୍ (ଲୁକ୍କାୟିତ କ୍ୟାମେରା ଦ୍ୱାରା ଦୁର୍ନୀତିର ପର୍ଦାଫାସ୍) ରେ ଧରାପଡି ସଂସଦରୁ ବହିଷ୍କୃତ ହେବା ଘଟଣା ବର୍ତ୍ତମାନ ବି ଅନେକ ରାଜନୀତିଜ୍ଞ ମାନଙ୍କ ଶରୀରରେ

## ଅନୁଚିନ୍ତନ

ଚିନ୍ତା ଅନୁଚିନ୍ତା ଭାବନା ର ଢେଉ
ବିଦାରି ଦେଉଛି ମାନବ ଛାତି
ଶୀତ ମାଘମାସେ କଁଅଳ ସକାଳେ
ଉଷ୍ମ କାହିଁକି ଲାଗଇ ଧରା
ସ୍ୱଚ୍ଛକାକର ବୁନ୍ଦାଟିଏ ଆଶେ
ଚାହିଁ ରହି ଅଛି ବୃକ୍ଷରାଜି
କିଏ ସେ ଆସିଲା କାହିଁକି ଭରିଲା
ଶାନ୍ତସକାଳରେ ଅଶାନ୍ତ ତାତି???

ବଡ ବଡ କେତେ ଜ୍ଞାନୀଗୁଣୀଜନ
ପାଇବସିଛନ୍ତି ଆଜି ସମାଧୀ
ଅଜ୍ଞାନୀ ପାମର ଦେଶକୁ ଚଳାନ୍ତି,
ଛଟପଟ ହୁଏ ଜନତାପ୍ରାଣ
କିଏସେ ବୁଝିବ ଗରିବ ବେଦନା
କିଏ ବା ବୁଝିବ ଆମରି କଥା
ଜ୍ଞାନୀଯେତେ ସବୁ ବାହୁଡିଗଲେଣି
ଅଜ୍ଞାନୀ ପାଆନ୍ତି ଉଚ୍ଚ ପଦବୀ

ଭୟର ଲହରୀ ଖେଳାଇ ଦେଉଥିବ ।

୨୦୦୧ ମସିହାରେ ସମସ୍ତଙ୍କୁ ଚକିତ କରି ଭାରତୀୟ ସଂବାଦ ପରିବେଷକ ମାନଙ୍କୁ ଚହଲାଇ ଦେଇଥିବା 'ତେହେଲ୍‌କା' ବିବାଦ ସମ୍ଭବତ: ବର୍ତ୍ତମାନର ସବୁ ଷ୍ଟିଙ୍ଗ୍ ଅପରେସନ୍‌ର ଜନ୍ମଦାତା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ୨୦୦୫ର ପ୍ରଥମ ଚାଞ୍ଚଲ୍ୟକାରୀ ଖବର ଥିଲା, ' ବଲିଉଡରେ ଚଳିତ କାଷ୍ଟିଙ୍ଗ କାଉଚ୍' ର ପର୍ଦାଫାସ୍ । ଚଳଚ୍ଚିତ୍ରରେ ଅଭିନୟ କରିବାର ସୁବିଧା ଦେବା ପରିବଦଳରେ ଯୌନ ଲାଳସା ଚରିତାର୍ଥ କରିବା ଏକ ନୂଆ କଥା ନୁହେଁ କିନ୍ତୁ ଆଜି ପର୍ଯ୍ୟନ୍ତ କେହି ଏହାକୁ ସ୍ୱୀକାର କରିବାର ସାହାସ କରିନଥିଲେ । କିନ୍ତୁ ଏହି ସମ୍ବାଦର ପରିବେଷଣ ପରେ ସଂପୃକ୍ତ ଟିଭି ଚାନେଲ୍‌ର ଚାହିଦା ଆକାଶଛୁଆଁ ବୃଦ୍ଧି ପାଇଥିଲା । ଯେଉଁ ମାନେ ମାର୍ଚ୍ଚ ୧୩ ତାରିଖରେ ଇଣ୍ଡିଆ ଟିଭି ଦେଖିଲେ ସେମାନେ ନିଶ୍ଚୟ କିଛି କ୍ଷଣ ପାଇଁ ଚକିତ ହୋଇ ଯାଇଥିଲେ ଯେତେବେଳେ ଝାପସା ଦେଖାଯାଉଥିବା ଟିଭି ପରଦା ଉପରେ ବର୍ଷୀୟାନ୍ ଅଭିନେତା ଶକ୍ତି କପୁର ନିଶାସକ୍ତ ଅବସ୍ଥାରେ ଚଳଚ୍ଚିତ୍ର ଜଗତ ବିଷୟରେ ବିଳାପ କରିବା ତଥା ଅନେକ ସ୍ୱନାମଧନ୍ୟ ନାୟକ ନାୟୀକା ମାନଙ୍କ ବିଷୟରେ ଆପତ୍ତିଜନକ ମନ୍ତବ୍ୟ ଦେବା ଏବଂ

ଅବଶିଷ୍ଟାଂଶ ଚତୁର୍ଦ୍ଦଶ(୧୪) ପୃଷ୍ଠାରେ

# ଏ ଯୁଗର ଏକଲବ୍ୟ

କାହ୍ନୁମାଷ୍ଟ୍ରେ ଦାଣ୍ଡଦୁଆରଟା ପାଖରେ ବସି କାହାକୁ ଅପେକ୍ଷା କରୁଥିଲେ ଏତିକିବେଳେ ସେ ରାସ୍ତାରେ ଗାଁ ପୁରୋହିତେ ଚାଲିଯାଉଥିଲେ । କାହ୍ନୁ ମାଷ୍ଟ୍ରେ ବଡପାଟିଟାଏ କରି ତା'ଙ୍କୁ ପାଖକୁ ଡାକିଆଣିଲେ । ପିଣ୍ଡା ଉପରେ ସଅପଟିଏ ପକାଇଦେଇ କହିଲେ, 'ରଥବାବୁ, ଟିକେ ପାଞ୍ଜିଦେଖି କହିଲେ ଯେ ମୋ ଝିଅର ଜାତକରୁ ଶନିଟା ହଟିଲା ନା ନାହିଁ' । ରଥବାବୁ ହସି କହିଲେ, 'ମାଷ୍ଟ୍ରେ ବୁଝିଲ ଯୋଉ ଶନିଟା ତୁମ ଝିଅ ଜାତକରେ ବସିଛି ତା'କୁ ତ ତୁମେ ନିଜେ ଡାକି ଆଣିଚ, ଆଉ ଜାତକ ଦେଖିଲେ କଣ ହେବ? ହଁ ଯଦି କହିବେ ରଘୁନାଥପୁର ଶାସନର ବଳିଆ ଗୋସେଇଁ ଙ୍କ ପୁଅଟା ପାଇଁ ପ୍ରସ୍ତାବ ପକାଇବା ।' ମାଷ୍ଟ୍ରେ ନିରବରେ ମୁଣ୍ଡ ଟୁଙ୍ଗାରି ନାସ୍ତି ଶୁଣାଇଦେଲେ । ସେ ନିଜ ରାସ୍ତାରେ ଚାଲିଗଲେ । ମାଷ୍ଟ୍ରେ ସେମିତି ଅପେକ୍ଷା କରି ରହିଲେ । ଘର ଭିତରୁ ମାଷ୍ଟ୍ରଙ୍କ ଝିଅ ଡାକିଲା, 'ବାପା, ଆସ ଖାଇବ । ଭାତ ଥଣ୍ଡା ହେଲାଣି ।' ମାଷ୍ଟ୍ରେ ତଥାପି ନିଶ୍ଚଳଭାବରେ ସେଇଠି ବସି ରହିଲେ । ଏହି ସମୟରେ ଗାଁ ପୋଷ୍ଟ ପିଉନ୍ ସାଇକେଲ୍‌ରେ ସେହି ରାସ୍ତାରେ ଆସିଲା । ମାଷ୍ଟ୍ରେ ଚଷମା ଉଠାଇ ଦେଖିଲେ ଆଉ ପଟି କରି କହିଲେ, 'ରଘୁ, ମୋର କିଛି ଚିଠି ଆସିଛି?' ସେ ମୁଣ୍ଡ ଟୁଙ୍ଗାରି ନାହିଁ କହି ଚାଲିଗଲା । ମାଷ୍ଟ୍ରେ ଉଠିଲେ ଘର ଭିତରକୁ ଚାଲିଗଲେ ।

ଦୁଇ ବର୍ଷ ହେଲାଣି ମାଷ୍ଟ୍ରେ ଗାଁକୁ ଆସିଛନ୍ତି ଆଉ ସେବେଠାରୁ ପ୍ରତିଦିନ ତା'ଙ୍କର ଏଇମିତି ହିଁ ବିତିଯାଏ । ଗାଁ ଲୋକ ମାଷ୍ଟ୍ରଙ୍କୁ ସମ୍ମାନ ଦିଅନ୍ତି ସତ କିନ୍ତୁ ଅନେକେ ତା'ଙ୍କୁ ପାଗଳ ବୋଲି ମଧ୍ୟ କହନ୍ତି, କାରଣ ପ୍ରତିଦିନ ସେ ଘର ପିଣ୍ଡାରେ ବସି ଏଇମିତି ଯିବାଆସିବା ପ୍ରତ୍ୟେକ ଲୋକକୁ ଡାକନ୍ତି ଆଉ କିଛି କାରଣ ନଥାଇ ଘଣ୍ଟା ଘଣ୍ଟା ଗପ କରିବାକୁ କହନ୍ତି । ପ୍ରତିଦିନ ପୋଷ୍ଟପିଉନ୍‌କୁ ଚିଠି ଆସିଛି କହି ବିରକ୍ତ କରନ୍ତି ।

ଦୁଇ ବର୍ଷତଳେ ଯେତେବେଳେ ମାଷ୍ଟ୍ରେ ଚାକିରୀରୁ ଅବସରଗ୍ରହଣ କଲେ ସେତେବେଳେ ସହରର ଏକ ନାମଧନ୍ୟ ସ୍କୁଲ୍‌ରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ । ସେଇଠି ଥିବା ସମୟରେ ନିଜର ଭଲ କର୍ମ ପାଇଁ ଖୁବ ପ୍ରଶଂସାର ପାତ୍ର ହୋଇପାରିଥିଲେ । କିନ୍ତୁ ଜୀବନକାଳ ମଧ୍ୟରେ କିଛି ବି ନିଜପାଇଁ ରଖିପାରିନଥିଲେ, ସର୍ବଦା ଗରିବ ଛାତ୍ରଛାତ୍ରୀ ମାନଙ୍କ ଉନ୍ନତି ପାଇଁ ନିଜର ଲବଧ୍ ସଂଚିତ ଅର୍ଥସବୁକୁ ଶ୍ରାଦ୍ଧ କରିଦେଇଥିଲେ ଆଉ ସେଇଥିପାଇଁ ଚାକିରୀରୁ ଅବସର ପରେ ସେ ଗାଁ କଉ ଚାଲିଆସିଲେ ଯେଉଁଠି ନିଜର ଭିଟାମାଟିକୁ ସାହାରା କରି ରହିଲେ । ବାପା ଯେଉଁ କିଛି ଜମିବାଡି ଛାଡିଯାଇଥିଲେ ସେ ସବୁକୁ ଚଷାଲଗାଇ ଯାହା ପାଇଲେ ସେଥିରେ ବାପା ଝିଅ ଦୁଇ ପ୍ରାଣୀ ରହିଲେ କିନ୍ତୁ କାହ୍ନୁମାଷ୍ଟ୍ରେ ପାଗଳ ପ୍ରାୟ ବ୍ୟବହାର କରିଥିଲେ । ସବୁଦିନ ସେହି ଏକା କାମ ।

ସହର ରେ ଚାକିରୀକାଳ ମଧ୍ୟରେ ସେ ଅନେକଙ୍କୁ ସାହାଯ୍ୟ କରିଥିଲେ କିନ୍ତୁ କେବେବି କାହାଠୁ ପ୍ରତିଦାନରେ ଟଙ୍କାଟିଏ ବି ଆଶାକରିନଥିଲେ । କିନ୍ତୁ ଯେତେବେଳେ ଦିନେ ସେ ଶ୍ରେଣୀଗୃହରେ ଜଣେ ମେଧାବୀ ଛାତ୍ରକୁ ଦେଖିଲେ ମନେ ମନେ ତାକୁ ପୁଅ ପରି ସ୍ନେହ କରିବସିଲେ, ଆଉ ସେହି ଦିନରୁ ତାକୁ ଯେତେବେଳେ ଯାହା ସାହାଯ୍ୟ ଦରକାର ପଡିଲା, ମାଷ୍ଟ୍ରେ ସବୁ ଦେଲେ । ଯଦ୍ୟପି ଅଧିକ ଲୋଭ କରିନଥିଲେ କିନ୍ତୁ ମନେମନେ

ଗାଁ ଲୋକ ମାଷ୍ଟ୍ରଙ୍କୁ ସମ୍ମାନ ଦିଅନ୍ତି ସତ କିନ୍ତୁ ଅନେକେ ତା'ଙ୍କୁ ପାଗଳ ବୋଲି ମଧ୍ୟ କହନ୍ତି,

ସେହି ପିଲାଟିକୁ ନିଜର ଜ୍ୱାଇଁ କରିବେ ବୋଲି ସ୍ଥିର କରିଥିଲେ । ସହରରେ ରହିବା ଭିତରେ ରବିନ୍ଦ୍ରବି ମାଷ୍ଟ୍ରଙ୍କ ଘରେ ପୁଅ ପରି ଚଳିଆସିଲା । ଯେତେବେଳେ ମାଷ୍ଟ୍ରେ ରିଟାୟାର୍ଡ କଲେ ସେତେବେଳେ ସେ ସ୍ନାତକର ଛାତ୍ର ହୋଇସାରିଥିଲା । ଦିନକୁ ଦିନ ତା'ର ଖର୍ଚ୍ଚ ସବୁ ବଢ଼ିବାକୁ ଲାଗିଲେ ବି ମାଷ୍ଟ୍ରେ କେବେ ବି କିଛି ନ କହି ସବୁ ତା'କୁ ଦେଉଥିଲେ । ଅବସର ଗ୍ରହଣ କରିବାକୁ ମାତ୍ର ମାସ କେଇଟା ଥିବା ସମୟରେ ମାଷ୍ଟ୍ରେ ପିଲାଟିକୁ ନିଜ ମନୋସ୍କାମନା ଜଣାଇଦେଲେ ଆଉ ରବିନ୍ଦ୍ର ବି ଆଜ୍ଞାଧିନ ଛାତ୍ରଟି ପରି ମୁଣ୍ଡ ହଲାଇ ହଁ କହିଥିଲା ।

ଧିରେ ଧିରେ ରବିନ୍ଦ୍ର ଆଉ ରିନା (ମାଷ୍ଟ୍ରଙ୍କ ଝିଅ) ମଧ୍ୟରେ ସଂପର୍କଟା ନିବିଡ ରୁ ନିବିଡତର ହେବାକୁ ଲାଗିଲା ଆଉ ମାଷ୍ଟ୍ରେ ବିଶ୍ୱାସରେ ଅନ୍ଧଥିଲେ ସେଇଥିପାଇଁ ସେମାନଙ୍କ ପରସ୍ପର ପ୍ରତି ଅନୁରାଗକୁ ଅତି ଆଦରର ସହ ଗ୍ରହଣ କରିଥିଲେ । ମାଷ୍ଟ୍ରେ ଭାବିଥିଲେ ଅବସର ଗ୍ରହଣ କରିବା ପୂର୍ବରୁ ଝିଅକୁ ବାହା କରିଦେଲେ ସେ ନିଜର ସବୁ ଜଞ୍ଜାଳରୁ ମୁକ୍ତି ପାଇଯିବେ ଆଉ ସେଇଥିପାଇଁ ପ୍ରସ୍ତୁତ ବି ଥିଲେ କିନ୍ତୁ ଠିକ ସମୟରେ ରବିନ୍ଦ୍ରକୁ ପୋଲିସ ବିଭାଗରେ ସେବା ମିଳିବାରୁ ସେ ଟ୍ରେନିଂ ପାଇଁ ପଞ୍ଜାବ ଚାଲିଗଲା. ତଥାପି ମାଷ୍ଟ୍ରେ ଖୁସିଥିଲେ କାରଣ ମାତ୍ର ବର୍ଷକର ଟ୍ରେନିଂପରେ ରବିନ୍ଦ୍ର ପୋଲିସ ଅଫିସର ହୋଇଯିବ ଆଉ ତା'ଙ୍କ ଝିଅର କିଛି ଦୁଃଖ ନଥିବ ।

ରବିନ୍ଦ୍ର ଟ୍ରେନିଂପାଇଁ ପଞ୍ଜାବ ଯିବାର ଦିନ କେଇଟା ମଧ୍ୟରେ ଗୋଟିଏ ଅଘଟଣ ଘଟିଗଲା । ଯେଉଁ ସ୍ନେହ ଆଉ ବିଶ୍ୱାସରେ ସେ ରବିନ୍ଦ୍ରକୁ ଜ୍ୱାଇଁ କରିବେ କହି ନିଜ ଝିଅ ସହିତ ମିଳାମିଶା କରିବାପାଇଁ ଅନୁମତି ଦେଇଥିଲେ ତାହାର ଦୁର୍ବ୍ୟବହାର କରିଥିଲେ ଦୁହେଁ ଆଉ ରିନା ହୋଇଯାଇଥିଲା ଅନ୍ତଃସତ୍ୱା । ମାଷ୍ଟ୍ରଙ୍କ ମୁଣ୍ଡରେ ଚଡକ ପଡିଲା । ତେଣେ ରବିନ୍ଦ୍ରକୁ ଚିଠି ଦେଲାପରେ ସେ କହିଲା ଯାହା ହେଲେବି ସେ ବର୍ଷେ ପୂର୍ବରୁ କେବେବି ଆସିପାରିବ ନାହିଁ ଆଉ ସେଇଥିପାଇଁ ଆଜୀବନ ଅନ୍ୟମାନଙ୍କୁ ଭଲ ହେବାର ଶିକ୍ଷାଦେଉଥିବା କାହ୍ନୁମାଷ୍ଟ୍ରେ ଜଣେ ଅପରାଧୀ ହୋଇଗଲେ, ରାତ୍ରୀର ଅନ୍ଧକାର ଭିତରେ ସହର ଏକ ଚିକିତ୍ସାଳୟରେ ନେଇ ନିଜ ଝିଅର ଗର୍ଭରେ ଥିବା ଭ୍ରୁଣଟିକୁ ହତ୍ୟା କଲେ ।

> **ଆଜୀବନ ଅନ୍ୟମାନଙ୍କୁ ଭଲ ହେବାର ଶିକ୍ଷାଦେଉଥିବା କାହ୍ନୁମାଷ୍ଟ୍ରେ ଜଣେ ଅପରାଧୀ ହୋଇଗଲେ, ରାତ୍ରୀର ଅନ୍ଧକାର ଭିତରେ ସହର ଏକ ଚିକିତ୍ସାଳୟରେ ନେଇ ନିଜ ଝିଅର ଗର୍ଭରେ ଥିବା ଭ୍ରୁଣଟିକୁ ହତ୍ୟା କଲେ ।**

ଅବସର ହେଲା ପରେ ସେ ଗାଁ । କୁ ଆସିଗଲେ ଆଉ ଅପେକ୍ଷାକଲେ ରବିନ୍ଦ୍ରର । ସେଇ ଦିନଠାରୁ କେବଳ ଅପେକ୍ଷାହିଁ କରୁଛନ୍ତି । ପ୍ରଥମେ ପ୍ରଥମେ କିଛି ଦିନ ରବିନ୍ଦ୍ର ଚିଠି ଦେଉଥିଲା ଆଉ ମାଷ୍ଟ୍ରେ ବି ତା' ପାଖକୁ ଟଙ୍କା ପଠାଉଥିଲେ କିନ୍ତୁ ଧିରେ ଧିରେ ତାହା ବି ବନ୍ଦ ହୋଇଗଲା । ସେହି ଦିନଠାରୁ ମାଷ୍ଟ୍ରେ ଜଗିଛନ୍ତି କେଉଁଦିନ ରବି ଆସିବ ଆଉ ତା'ଙ୍କରି ଅଲିଅଳି ଝିଅକୁ ସବାରୀରେ ବସାଇ ନେଇଯିବର ସ୍ୱପ୍ନ ଦେଖିଦେଖି ।

> **ସରବତର ପ୍ରଥମ କେଇବୁନ୍ଦା ଯାହା । ମାଷ୍ଟ୍ରଙ୍କ ଗଳାପାଖରେ ପହଞ୍ଚିଯାଇଥିଲା ତାହା ତ୍ରିଶଂକୁ ଅବସ୍ଥାରେ ରହିଗଲା ।**

ଦୁଇ ବର୍ଷର ଅପେକ୍ଷା ପରେ ଆଜି ହଠାତ୍ ମାଷ୍ଟ୍ରଙ୍କ ମୁହଁରେ ପୂର୍ବ ତେଜ ଦେଖାଗଲା । ଗାଁ ମୁଣ୍ଡ ପାନ ଦୋକାନରେ ଥିବା ଖବର କାଗଜ ଲେଉଟାଇବା ବେଳେ ସେ ପାଗଳ ପ୍ରାୟ ପ୍ରଳାପ କରି ଘରକୁ ଦୋଡିଗଲେ । ତା'ଙ୍କର ପ୍ରିୟ ରବିନ୍ଦ୍ର ପାଖ ସହରକୁ ପୋଲିସ ଅଫିସର ହୋଇ ଆସିଥିବାର ଖବର ଶୁଣିବା ପରେ ସେ ଆଉ ଥୟ ଧରି ରହି ପାରିଲେ ନାହିଁ । ଘରେ ଯେତେବେଳେ ରିନାକୁ ଏହି ଖବର କହିଲେ ସେତେବେଳେ ଆଉ କୋହ ସମ୍ଭରଣ କରିପାରିଲେ ନାହିଁ ଆଉ ଭୋ ଭୋ ହୋଇ କାନ୍ଦି ଉଠିଲେ କାହ୍ନୁମାଷ୍ଟ୍ରେ, କହିଲେ, 'ଏବେ ତୋର ସବୁ ଦୁଃଖ ଗଲା, ମା' ଲୋ ସେ ଆସିଛି, ଏସନ ତୁମ ଦୁଇ ଜଣଙ୍କ ବାହା ଘରଟା କରାଇଦେଲେ ମୁଁ ଗଙ୍ଗା । ଗା ଧୋ ଇ ବି । '

ରିନା ନିର୍ବାକ ସେଇମିତି ଠିଆ ହୋଇଥିଲା, ଘର ଭିତରକୁ ଚାଲିଗଲା । ମାଷ୍ଟ୍ରେ ଶୀଘ୍ର ଶୀଘ୍ର ଭଲ ଲୁଗାପଟା ପିନ୍ଧି ସହରକୁ ବାହାରି ପଡିଲେ । ଥାନଆ ପାଖରେ ପହୁଞ୍ଚି ସେ ଭିତରକୁ ଗଲାବେଳେ କନଷ୍ଟେବଲ ତାଙ୍କୁ ଅଟକାଇଲା । ସେ କହିଲେ, 'ରବି କୁ ଟିକେ ଦେଖା କରିବି ବୋଲି ଆସିଛି । କାହିଁ ସେ?' ସବୁ କନଷ୍ଟେବଲ ମିଶି ଜୋରରେ ହସିଲେ କହିଲେ, 'ଆମ ଆଗରେ ରବି ବୋଲି କହିଦେଲ କିନ୍ତୁ ଆଜ୍ଞାଙ୍କ ଆଗରେ କହିବନି, ଆମ ଆଜ୍ଞା ଭାରି କଡା ମିଜାଜ ଲୋକ, ଅନ୍ୟାୟ ସହିବେନି । ଦେଖୁନ ଦିନ କେଇଟାରେ କେମିତି ସହର ର ସବୁ

ଅବଶିଷ୍ଟାଂଶ ତ୍ରୟୋଦଶ(୧୩) ପୃଷ୍ଠାରେ

ନୂଆ ନୂଆ ଉଡିଶିଖୁଥିବା ଚଢେଇଟିଏ ଯେମିତି ଟିକେ ଉଚ୍ଚକୁ ଉଡିଯାଇ ଅନ୍ୟମାନଙ୍କୁ ନିଜର ଯୋଗ୍ୟତା ଦେଖାଇ ଦିଏ ସେମିତି କାହାଣୀ ଲେଖୁଥିବା ଆମର ଜଣେ ପାଠକ ଗୋଟିଏ ଅଦ୍ଭୁତ କାହାଣୀର ଅବତାରଣା କରିଛନ୍ତି ଯେଉଁଥିରେ ସେ କେବଳ ପୁରୁଣା ଓ ନୂଆ ଓଡିଆ ଚଳଚ୍ଚିତ୍ରର ନାମ ଗୁଡିକୁ ଯୋଡି ସମର୍ପିଛନ୍ତି ଏହି କାହାଣୀ । ଆଶା କରୁଛୁ ଆମର ଏହି ଯୁବବନ୍ଧୁଙ୍କ ଅଭିନବ ପ୍ରଚେଷ୍ଟାକୁ ସମସ୍ତେ ପ୍ରଶଂସା କରିବେ ।

## ଶେଷ ଚିଠି

ରଞ୍ଜନ କୁମାର ପ୍ରଧାନ

ସ୍ନେହର କାବେରୀ

ମୋ ଅନ୍ତରର ମମତାଟିକୁ ତୁମ ହୃଦୟର ପରୀମହଲରେ ସାଇତି ରଖିବ । କରୁଣାମୟ ଜଗାବଳିଆଙ୍କ ଅନୁରାଗରୁ ମୁଁ ଏଠି ଖୁସିରେ ମୁକ୍ତିତୀର୍ଥ କରୁଛି । ମୋର ଅଭିଳାଷ ତୁମେ ବାପା ବୋଉଙ୍କ ମମତାର ଡୋରିରେ ଆବଦ୍ଧ ହୋଇ ଖୁସିରେ ଦିନଗୁଡିକ ବିତାଇ ଦେଉଥିବ ।

ହେଲେ ମାନିନୀ ! ଅଢେଇଦିନିଆ କୋତରା ଜୀବନକୁ ନେଇ ଏକା ଏକା ପଞ୍ଜୁରୀ ଭିତରେ ଶାରୀ ଭଳି, ଶାସ୍ତି ଭୋଗି ଏ ଧରିତ୍ରୀ କୋଳରେ ରହିବାକୁ ଇଚ୍ଛା ହୁଏନା । ତଥାପି ସେହି ଅତୀତ ଦିନର ଗପ ହେଲେ ବି ସତ ଘଟଣାକୁ ଭୁଲି ହୁଏନା । ଇନ୍ଦ୍ରଧନୁର ଛାଇ ତଳେ, ବଗୁଲା ବଗୁଲି ସାଜି ଏହି ନିଳ ଆକାଶରେ ଉଡୁଥିଲେ । ଏବଂ ରଜନୀଗନ୍ଧା ବଗିଚାରେ ରକ୍ତ ଗୋଲାପ ତୋଳି, ଟିକେ ହସ ଟିକେ ଲୁହର ସାହାରା ନେଇ ଅମଡାବାଟରେ ଭ୍ରମଣ କରୁଥିଲେ । ତୁମେ ଥିଲ ନିଝୁମରାତିର ସାଥୀ, ତୁମେ ଥିଲ ପୂଜା, ତୁମେ ଥିଲ କସ୍ତୁରୀ, ତୁମେ ଥିଲ ଆରତୀ ଓ ମୋ ହୃଦୟର ସୁନାପଞ୍ଜୁରୀରେ ତୁମେ ଥିଲ ସୁନାଚଢେଇ । ସବୁବେଳେ ତୁମେ ସତ୍ୟବାନ ସାବିତ୍ରୀ ପରି ଷୋଳ ଶୁକ୍ରବାର କରି, ଶ୍ରୀ ଜଗନ୍ନାଥ, କୃଷ୍ଣସୁଦାମା ଓ ମାଁ ଗୋଜବାୟାଣୀଙ୍କ ନିକଟରେ ଆମର ପବିତ୍ର ବନ୍ଧନ ପାଇଁ ଫୁଲ ଚନ୍ଦନ ଓ ପୂଜାଫୁଲ ସମର୍ପଣ କରୁଥିଲ । ସମସ୍ତେ ତୁମକୁ ଝିଅଟି ସୀତା ପରି, ସୌଭାଗ୍ୟବତୀ ବୋଲି କହୁଥିଲେ ।

ଏହି କାହାଣୀରେ ପ୍ରତ୍ୟେକ ଧାଡିରେ କେବଳ ସିନେମାର ନାମ ହିଁ ରହିଛି । ଟିକେ ଧ୍ୟାନ ଦେଇ ପଢନ୍ତୁ । ଆମ ପରି ଆପଣ ବି ଆଶ୍ଚର୍ଯ୍ୟ ନହୋଇ ରହି ପାରିବେ ନାହିଁ ।

ତେଣୁ ମାଣିକ! ତୁମର ସେହି ନିଷ୍ଠା ତପସ୍ୟା ଦେଖି ମୁଁ ଭୀଷ୍ମପ୍ରତିଜ୍ଞା କଲି ଯେ, ଏବେ ରହିଛି ରହିବି ତୋହରି ପାଇଁ ଆଉ ସେଇଥିପାଇଁ ତୁମକୁ ଶଙ୍ଖାସିନ୍ଦୁର ଏବଂ ଟୋପାଏ ସିନ୍ଦୁର ଦି ପଟ ଶଙ୍ଖା ଦେଇ, ବଧୂନିରୂପମା କରି ସୁନାପାଲିଙ୍କିରେ ଘରକୁ ଆଣିବି । ଏବଂ ତୁମକୁ ଗୃହଲକ୍ଷ୍ମୀ କହି ଘର ସଂସାର କରିବି ।

ହେଲେ ରାଧା! ସତ କେବେ ଲୁଚି ରହେନା, ଆଶାର ଆକାଶରେ ହଠାତ୍ ଅଦିନ ମେଘ ଆସି ଶେଷଶ୍ରାବଣର ଝଡିକଲା । ଓ ମନଆକାଶରୁ ଉଲକାପିଣ୍ଡ ଖସିବାରେ ଲାଗିଲା । ତତକ୍ଷଣାତ୍ ଯୋର୍ ଯାର୍ ମୂଲକ ତା'ର ସଂସାରର ଦଣ୍ଡାବାଳୁଙ୍ଗା । ଟୋକାମାନେ ସହରୀବାଘପରି, ଦାଦାଗିରି ଦେଖାଇ ଆମର ଗୁପ୍ତ ପ୍ରଣୟର ସ୍ୱପ୍ନସାଗରରେ ଚକାଭଉଁରୀ ଖେଳାଇ ଦେଲେ । ଧିରେ ଧିରେ ତୁଣ୍ଡବାଇଦଦ୍ୱାରା ମିଛମାୟା ସଂସାରରେ ପ୍ରେମର କାହାଣୀ ପ୍ରଚାର ହୋଇଗଲା । ଫଳରେ ଆମର ଭାଗ୍ୟଚକ୍ରରେ ପାତେରୀ ଉଠିଲା ମଝିଦୁଆରୁ । ଛାର ସିନ୍ଦୁର ବିନ୍ଦୁଟିକକ ପାଇଁ, ଭାଇ ହେଲା ଭଗାରୀ, ମା ଓ ମମତା ଓ ମୋ ଭାଇ ଜଗା ମୋ'ଠାରୁ ଦୂରେଇଗଲେ । ହେଲେ ତୁମେ ମଧ୍ୟ ଶେଷରେ ମୋତେ କିଏ କାହାର ଭାବି ଚକ୍ରବ୍ୟୂହରେ ପକାଇ ପରଦେଶୀ ଚଢେଇଙ୍କପରି ଲକ୍ଷ୍ମଣରେଖା ପାରିକରି ଉଡିଗଲ ।


ଯାହାଦ୍ୱାରାକି ସୀତା.......... କନ୍ଦେଇ ଆଖିରେ ଲୁହ ବୋହିବ କି? ମୋ ଆଖିରୁ ବୋହିଗଲା ଲୁହର ଧାର । ଏବେ କିଏ ପୋଛିବ ମୋ ଆଖିର ଲୁହ? ଲାଲ୍ ପାନ୍ ବିବି ପରି ସପଥ କଲି ଯେ, ଯଦି କେହି ମୋର ସୁହାଗସିନ୍ଦୁରର ହିସାବ ନିକାଶ କରେ, ତେବେ ତା ଆଗରେ ସତ ମିଛର କଥା କହିବ ମୋ ମଥା ସିନ୍ଦୁର ।

କିନ୍ତୁ ଅପରାଜିତା, ଶେଷରେ ତୁମେ ମଧ୍ୟ ଉଡିଯାଇ ଅଣ୍ଟିଛୁରୀ ତଣ୍ଟିକାଟେ ନିତି ଅବଲମ୍ବନ କଲ । ସେହି ଅନୀତି ପାଇଁ କେବେ ହୁଏ .......... ଆଜି ପଥରଖସୁଛି ବଡଦେଉଳ, ତେଣୁ ତୁମେ ଲକ୍ଷ୍ମୀପ୍ରତିମା ହୋଇ କାହିଁକି ଅଭିମାନ କରୁଛ, ସୁଭଦ୍ରା । କାରଣ ସମୟବଡ ବଳବାନ । ପ୍ରୀତିର ଇତି ଏତେ ଚଂଚଳ ହେବନି । ଆମପାଇଁ କାଳିଆ ଭରଷା । ବିଧିର ବିଧାନ ଓ କପାଳ ଲିଖନ ଅନୁଯାୟୀ ବର୍ତ୍ତମାନ ଧର୍ମ ନିକିତି ଆମକୁ ପୁନର୍ମିଳନର ସମୟ

ଅବଶିଷ୍ଟାଂଶ ଷଡଦଶ (୧୬) ପୃଷ୍ଠାରେ

# ରଘୁରାଜପୁର: ପରିକ୍ରମା

ଗାଁ ଭିତରକୁ ପ୍ରବେଶ କରିବା ପୂର୍ବରୁ ହିଁ ଆମକୁ ସ୍ୱାଗତ ଜଣାଇଥିଲେ କିଛି ଉତ୍ସାହୀ ଯୁବକ ।





ଆମକୁ ଛୋଟିଆ କୋଠରୀ ଭିତରକୁ ନେଇ ଦେଖାଇଥିଲେ ନିଜଦ୍ୱାରା ପ୍ରସ୍ତୁତ କିଛି କଳାକୃତି ।


ଆମେ କଥାହେଉଛୁ ରଘୁରାଜପୁର ବିଷୟରେ । ପୁରୀ ଓ ଭୁବନେଶ୍ୱର ମୁଖ୍ୟ ରାସ୍ତାରେ ପୁରୀଠାରୁ ମାତ୍ର ୮ କିଲୋମିଟର ଗଲାପରେ ପଡେ ଚନ୍ଦନପୁର ଛକ । ସେଇଠି ରାସ୍ତା କଡରେ ମାତ୍ର ୧:୭୦ କି ମି ଗଲାପରେ ପଡେ ଏହି ଗାଁ । ଏହି ଗାଁର ପ୍ରାୟ ପ୍ରତ୍ୟେକ ଘରେ କେହି ନା କେହି କଳା ପ୍ରତି ଅନୁରକ୍ତ । ଏହି ଗାଁର ବିଶେଷତ୍ୱ ହେଉଛି ଅନେକ, ଏଇଠି ଛୋଟ ଛୁଆମାନେ ଗୁରୁଶିଷ୍ୟ ପର-ରାକୁ ବଜାୟ ରଖି ଶିଖନ୍ତି, ଗୋଟିପୁଅ ନାଚ । ଗୁରୁ ମାଗୁଣି ଦାସଙ୍କ ଆଖଡାରେ ରହୁଥିବା ପ୍ରାୟ ପଚିଶିଜଣ ଶିଷ୍ୟ ଏହି ପର-ରାର ଜ୍ୱଳନ୍ତ ଉଦାହରଣ । ଆଶ୍ଚର୍ଯ୍ୟଜନକ ଲାଗିଲେ ବି ସତ୍ୟ, ଏଇଠି ଗୁରୁ ନିଜର ସମସ୍ତ ଶିଷ୍ୟଙ୍କୁ ନିଜର ପରିବାରର ସଦସ୍ୟ ଭାବରେ ମାନନ୍ତି । ଆଉ ସମସ୍ତ ଶିଷ୍ୟଙ୍କ ରକ୍ଷଣାବେକ୍ଷଣ ଓ ଖାଇବା ପାଠ ପଢ଼ିବା ଇତ୍ୟାଦି ଖର୍ଚ୍ଚ ଉଠାନ୍ତି । ପ୍ରାୟତ: ପ୍ରତ୍ୟେକଥର ଏହିଠାରୁ ଯାଉଥିବା ପିଲାମାନେ



ଦେଶ ବିଦେଶର ଅନେକ ସ୍ଥାନରେ ନିଜର କଳାକୋଶଳର ପ୍ରଦର୍ଶନ କରି ଗୋରବ ଆଣନ୍ତି ଆଉ ଯାହା ଆୟ କରନ୍ତି ସେଥିରେ ସେମାନଙ୍କର ଯାବତୀୟ ଖର୍ଚ୍ଚ ମିଳିଥାଏ । କିନ୍ତୁ ଯେଉଁ ପଦାର୍ଥପାଇଁ ଏହି ଗାଁ ପ୍ରସିଦ୍ଧ ତାହା ହେଉଛି ପଟ୍ଟଚିତ୍ର । ଏକ ଅନନ୍ୟ କଳା ଯାହା ସାଧାରଣତ: ଆଖିକୁ କିଛି ଅସାମାନ୍ୟ ନଲାଗିଲେ ବି ଏହା ଏକ ଅଦ୍ୱିତୀୟ କଳା ଯାହା



ଯୁଗଯୁଗରୁ ଏହି ଗାଁର ଜନମାନସରେ ପ୍ରତିଫଳିତ ହୋଇ ଆସିଛି । ଯେଉଁଠି ଗାଁର ପ୍ରାୟ ପ୍ରତ୍ୟେକ ଯୁବକ ନିଜନିଜର ଜୀବନ ଏହି କଳାକୁ ସମର୍ପିତ କରି ଆସିଛନ୍ତି, ସେଇଠି ଏକ ଅନ୍ୟ ପ୍ରକାରର ପରିବେଶ ନିଶ୍ଚୟ ଥିବ । ଗାଁ ମୁଣ୍ଡରେ ପାଦ ଦେଉଣୁ ହିଁ ଯେଉଁଠି କଳାର ଉପସ୍ଥିତି ସବୁଆଡେ ଦେଖିବାକୁ ମିଳେ । ସମୟ କ୍ରମେ ଏହି କଳାର ଅନେକ ସ୍ୱରୂପ ଦେଖାଦେଇଛି ସତ କିନ୍ତୁ ତଥାପି ପଟ୍ଟଚିତ୍ର ଏହାର ସ୍ୱାତନ୍ତ୍ୟ



ବଜାୟ ରଖିଛି ।

ଅଧିକାଂଶ ଗ୍ରାମବାସୀ କେବଳ କଳାକୁ କୋଳିକ ବୃତ୍ତିକରି ବଞ୍ଚନ୍ତି । ଏଠି କୋଣସି ଗ୍ରାମବାସୀ ନିଜର ଜମିବାଡିଥିବା କଥା ସ୍ୱୀକାର କରନ୍ତି ନାହିଁ । ଆଉ ଅଧିକାଂଶ ଗ୍ରାମବାସୀ ନିଜର ଦରିଦ୍ରତାର ଦୋଷ ସରକାରୀ ଉଦାସୀନତାକୁ ହିଁ କହନ୍ତି । ଯଦ୍ୟପି ଏଇଠି ଜଣେ ଜଣେ କଳାକାର ଗୋଟିଏ ଗୋଟିଏ ପଟ୍ଟଚିତ୍ର କରି ପ୍ରାୟ ହଜାର ହଜାର ଟଙ୍କା ପାଆନ୍ତି ତଥାପି ଅନେକ ଏହିପରି ସୋଭାଗ୍ୟ ପାଆନ୍ତି ନାହିଁ ।



ଅବଶିଷ୍ଟାଂଶ ଏକାଦଶ ପୃଷ୍ଠାରେ

# ସମୟ

**ଧାରାବାହିକ କାହାଣୀ**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମାତ୍ର ସତର ବର୍ଷ ବୟସରେ ଘର ଛାଡି ଆସିଥିବା ନୁଆ ବୋହୁଟିକୁ ସବୁବେଳେ ଘେରି ରହୁଥିଲେ ପରିବାରର ସଦସ୍ୟ ମାନେ । ଅଣ ନି:ଶ୍ୱାସି ହୋଇ ପଡୁଥିବା ନୁଆ ବୋହୁଟି ଆଖିକୋଣରେ ଲୁହର ଦୁଇ ଧାର ଲମ୍ବିଆସୁଥିବା ବେଳେ ଓଢଣା ଟେକି ନିଜର ବର(ସ୍ୱାମୀ)କୁ ଟିକେ ଦେଖିବାର ଲାଳସା ମନକୁ ଆନ୍ଦୋଳିତ କରି ପକାଉଥିଲା । ଦିନ କେତେଟାରେ ଘର ଖାଲି ହୋଇଗଲା, ସବୁ ବନ୍ଧୁବର୍ଗ ଚାଲିଗଲା ପରେ ଘରଟା ହଠାତ୍ ଖାଁ ଖାଁ ହୋଇ ପଡିଲା । ଆଉ ଆଗପରି ଲୁଚି ଲୁଚି ସ୍ୱାମୀଙ୍କୁ ଦେଖିବାକୁ ପଡିଲାନି । ଖାଇବା ବେଳେ ତା' ହାତରନ୍ଧା ଖାଦ୍ୟର ପ୍ରଶଂସା କଲାବେଳେ ତା' ସ୍ୱାମୀକହୁଥିଲେ 'ଯା'ହେଉ ମୋତେ ଆଉ ଦୁ:ଖ ନାହିଁ । ସବୁବେଳେ ଭାବୁଥିଲି ଯଦି ମୋ ସ୍ତ୍ରୀ ଭଲ ରୋଷେଇ କରିବ ନାହିଁ ତା'ହେଲେ ମୋର କଣ ହେବ?'

ସ୍ନେହରେ ସ୍ୱାମୀଙ୍କୁ ଅଧିକ ଅଧିକ ଖୁଆଇ ତାଙ୍କର ମନ ଜିତିବା ଭିତରେ ସେ କେତେବେଳେ ଗର୍ଭବତୀ ହୋଇଗଲା ସେ ଜାଣିପାରିନଥିଲା । ବାହା ହେବାର ଦୁଇ ବର୍ଷ ନ ପୁରୁଣୁ ଘରେ ଦୁଇ ଦୁଇଟା ଛୁଆ ଆସିଯାଇଥିଲେ । ସ୍ୱାମୀ ସବୁବେଳେ ପୂର୍ବପରି ନିଜ କାମଦାମରେ ବ୍ୟସ୍ତ ରହିବା ଭିତରେ ସେ ଏକା ଏକା ଦୁଇ ପିଲାଙ୍କର ଧ୍ୟାନ ନେଇଥିଲା । ବୟସ କେମିତି ଗଡିଗଲା ଜଣାପଡିଲାନାହିଁ । ସ୍ୱାମୀ ଆଉ ପୂର୍ବପରି ଖାଦ୍ୟର ପ୍ରଶଂସା କରୁନଥିଲେ । ଦିନଟା ଯେମିତି କୋଣସି ସରକାରୀ କାର୍ଯ୍ୟାଳୟ ପରି ବ୍ୟସ୍ତତାଭିତରେ ବିତିଯାଉଥିଲା । ସକାଳୁ ଉଠି ପିଲାମାନଙ୍କୁ ସ୍କୁଲପାଇଁ ତୟାର କରିବା ଆଉ ସେମାନେ ସ୍କୁଲ୍ ଗଲାପରେ ଘରର ରୋଷେଇ ସଫାସଫି ଆଉ ତା'ପରେ ମଇଳା କପଡା ଯାହାଥିବ ସଫା କରିବା ଇତ୍ୟାଦି ଭିତରେ କେତେବେଳେ ଦିନ ବିତିଯାଏ କିଛି ଜଣାପଡେନି । କେବେ କେମିତି ବାବୁଙ୍କୁ ମନେ ପଡିଯାଏ ଯେ ଏଇ ଘରେ ଜଣେ ସ୍ତ୍ରୀଲୋକ ବି ଅଛି ଆଉ ସେତେବେଳେ ପାଖକୁ ଡାକନ୍ତି । ଘରର ସବୁ ଭଲମନ୍ଦ ବୁଝନ୍ତି, ମାସିକ ସଉଦା ହିସାବ କରନ୍ତି, ପୁଣି ସେ ଲେଖିଥିବା ଗଳ୍ପ ବା କବିତା ପଢ଼ି ଶୁଣାନ୍ତି । ରିନା ବୋଉ ଚିଡ୍ଡିଉଠେ କିନ୍ତୁ କିଛି କହେନି, ବୋଧ ହୁଏ ଏଇଥିପାଇଁ ଯେ ସେ ମଧ୍ୟ ମାଷ୍ଟ୍ରଘର ପିଲା ଆଉ ପିଲାବେଳୁ ତା'ଙ୍କ ବାପାମା' ପାଠ ପଛେ ନ ପଢାଇଥାନ୍ତୁ କିନ୍ତୁ ସଭ୍ୟତା ଆଉ ସଂସ୍କୃତିର ପାଠ ନିଷ୍ଚୟ ପଢାଇଥିଲେ, ବାହାବେଳେ ବୋଉ କାନେ କାନେ କହିଥିଲା ସ୍ୱାମୀ ଯାହାକହିବେ ସବୁ ଶୁଣିବୁ କେବେ ପ୍ରଶ୍ନ କରିବୁନି କି ଜବାବ ଦେବୁ ନି ।



ସେଇଥିପାଇଁ ବାହା ହୋଇ ତିରିଶି ବର୍ଷ ବିତିଯିବାପରେ ବି ସେ କିଛି କହିନି । ବାବୁ ଯେତେବେଳେ ଯାହା କହିଛନ୍ତି ସବୁକୁ ସେ ମୁଣ୍ଡଟୁଙ୍ଗାରି ମାନିନେଇଛି । ଘରେ ସବୁ ଠିକ ତ ସେ ବି ଠିକ୍ । ଦେଖୁ ଦେଖୁ ଝିଅ ବାହା ହେବା ବୟସ ହୋଇଗଲା ଅଥଚ କେମିତି ବାପାଟିଏ ଜମା ଚିନ୍ତା ନାହିଁ । ତେଣେ ସାହିପଡିଶା ସବୁ ଫୁସର୍ ଫାସର୍ ହେଲେଣି, ମାଷ୍ଟ୍ରଘର ଝିଅ ଶାଶୁଘର ଯିବ ନା ନାହିଁ? ରିନାବୋଉ ଲୁଗାକାନି ମୁହଁରେ ଯାକି କାନ୍ଦି ପକାଏ ହେଲେ ବାବୁ କିଛି ବୁଝନ୍ତି ନାହିଁ । ଆଉ ଦିନେ ହଠାତ୍ ରିନାବୋଉ କୁ କଣ ହେଲା କେଜାଣି ସବୁଦିନ ପରି ଆଉ ସକାଳୁ ଉଠିଲା ନାହିଁ । ଝିଅପୁଅ ସବୁ ଯାଇ ଉଠାଇଲେ ବି କିଛି ନ କହି ଶୋଇ ରହିଲା । ବାବୁଙ୍କ କାନକୁ ଖବର ଗଲା, ସେ ଆସି ପଚାରିଲେ, 'କଣ ହେଲା, ଆଜି ଏମିତି ରୋଷ କାହିଁକି? କଣ ଘର ଦ୍ୱାର କଥା ଭୁଲିଗଲଣି ନା କଣ? ରୋଷେଇ

ଅବଶିଷ୍ଟାଂଶ ପଞ୍ଚଦଶ(୧୫) ପୃଷ୍ଠାରେ

ପ୍ରଥମ ସଂସ୍କରଣର ଏକ ମାସ ନ ପୁରୁଣୁ ଆମେ ଏହାର ଦ୍ୱିତୀୟ ସଂସ୍କରଣ ନେଇ ଆସିଛୁ । ଏହା କେବଳ ଆପଣଙ୍କ ପାଇଁ ସମ୍ଭବ ହୋଇ ପାରିଛି । ଆମେ ପ୍ରଥମ ସଂସ୍କରଣ ପ୍ରକାଶ କରିବାର ପ୍ରଥମ ପନ୍ଦର ଦିନ ମଧ୍ୟରେ ଓଡିଶା ତଥା ଓଡିଶା ଏବଂ ଭାରତ ବାହାରେ ରହୁଥିବା ଅସଂଖ୍ୟ ଓଡିଆ ମାନଙ୍କଠାରୁ ଅନେକ ଉତ୍ସାହଜନକ ଇ-ମେଲ ପାଇଛୁ । ଯାହା ଆମେ ଆଗାମୀ ସଂସ୍କରଣରେ ପ୍ରକାଶ କରିବୁ । ଆପଣମାନଙ୍କ ପତ୍ରସବୁ ଆମକୁ ଏହି ପତ୍ରିକା ପ୍ରକାଶନରେ ଆହୁରି ଅଧିକ ଉତ୍ସାହ ଯୋଗାଇଦେବ ।ଏବଂ ଆଶା କରୁଛୁ ପ୍ରଥମ ଥର ପରି ଏହି ଥର ବି ଆପଣ ମାନେ ଆମକୁ ଯଥେଷ୍ଟ ଉତ୍ସାହ ଯୋଗାଇଦେବେ ।

ପୁନର୍ବାର ଆମେ ଆପଣଙ୍କ ନିକଟରେ ଆମନ୍ତ୍ରଣ କରୁଛୁ, ଆପଣଙ୍କ ଦ୍ୱାରା ରଚିତ ଛୋଟ ବଡ କିଛି କବିତା ଓ ଗଳ୍ପ । ଶୀଘ୍ର ଆମକୁ ଲେଖି ପଠାନ୍ତୁ ଆପଣଙ୍କର କୃତି । ଯଦି ଆପଣ କ-ୁ୍ୟଟରରେ ଟାଇପ୍ କରି ଜାଣନ୍ତିନାହିଁ ତେବେ ଚିନ୍ତା କରନ୍ତୁ ନାହିଁ । ସାଧା କାଗଜରେ ଗୋଟିଏ ପାଖରେ ନିର୍ଭୁଲ ଭାବରେ ଲେଖି ଆମଠିକଣାରେ ପଠାନ୍ତୁ, ଆମେ ତାହାକୁ ନିଶ୍ଚିତ ପ୍ରକାଶ କରିବୁ ।

# ରଘୁରାଜପୁର: ପରିକ୍ରମା

ନବମ ପୃଷ୍ଠାର ଅବଶିଷ୍ଟାଂଶ

ଅଧିକାଂଶ କଳାକାର ନିଜର କଳାର ପ୍ରଦର୍ଶନ କରିବା ପାଇଁ ଦେଶ ବିଦେଶରେ ବୁଲି ବୁଲି ବିଭିନ୍ନ ପ୍ରଦର୍ଶନୀମାନଙ୍କରେ ଭାଗ ନିଅନ୍ତି । ଯେଉଥିପାଇଁ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଦିଆଯାଉଛି । କିନ୍ତୁ






ଅନ୍ତରାଷ୍ଟ୍ରୀୟ ବଜାରରେ ବହୁତ ଅଧିକ ଥିବା ସତ୍ତ୍ୱେ ପୃଷ୍ଠପୋଷକତା ଅଭାବରୁ ଅନେକ ଶିଳ୍ପୀ ଉଚିତ ମୂଲ୍ୟ ପାଆନ୍ତି ନାହିଁ । ଏହି ପଟଚିତ୍ର ଦେଖିବାକୁ ଭାରୀ ସୁନ୍ଦର ଦେଖାଯାଏ । ଏହି ସବୁ ଚିତ୍ରରେ ଯେଉଁ ସବୁ ମନୁଷ୍ୟ ଓ ପଶୁପକ୍ଷି ଚିତ୍ରିତ ହୁଏ ସେ ସବୁର ଏକ ଅନନ୍ୟ ସୁନ୍ଦରତା ରହିଥାଏ । ପଟ୍ଟଚିତ୍ର ପ୍ରସ୍ତୁତି ପ୍ରଣାଳୀରେ ବହୁତ ସମୟ ଲାଗିଥାଏ ।

ପ୍ରଥମେ ପଟ୍ଟଚିତ୍ରପାଇଁ ପଟ୍ଟ ବା କନାଦ୍ୱାରା ନିର୍ମିତ ପଟି ତିଆରି କରିବାକୁ ହୁଏ । ଏଇଥିପାଇଁ ବିଶେଷ ଧ୍ୟାନ ଦେବାକୁ ହୁଏ, କାରଣ ଏଥିରେ କେବଳ ଟସର କିମ୍ବା ପୁରୁଣା ସୂତା ଲୁଗା ହିଁ ବ୍ୟବହାର ହୋଇଥାଏ । ତେନ୍ତୁଳିମଞ୍ଜି ଓ ପଥରକୁ ଘୋରି ଏକ ସ୍ୱତନ୍ତ୍ର ପ୍ରକାରର ଅଠା ପ୍ରସ୍ତୁତ କରାଯାଏ ଆଉ ଦୁଇଟି କନାକୁ ଯୋଡି ଗୋଟିଏ କନା ପ୍ରସ୍ତୁତ କରାଯାଏ । ଶେଷରେ କନା ଶୁଖିଗଲା ପରେ ତାହା ଉପରେ ପ୍ରାକୃତିକ ରଙ୍ଗଦ୍ୱାରା ଚିତ୍ର କରାଯାଏ । ଆଗକାଳରେ ଏହି







ସବୁ ରଙ୍ଗ ପ୍ରାକୃତିକ ସ୍ରୋତରୁ ମିଳୁଥିଲା । କିନ୍ତୁ ଯୁଗ ବଦଳିବା ସହିତ ଏହି ସବୁ ରଙ୍ଗ ବର୍ତ୍ତମାନ ବଜାରରୁ କିଣିବାକୁ ମିଳୁଛି । ଆଗ କାଳରେ ରଙ୍ଗକରିବା ପାଇଁ ବ୍ୟବହାର କରାଯାଉଥିବା ତୁଳୀ କାଠକୁ ଚାଞ୍ଛିକି କରାଯାଉଥିଲା । କିନ୍ତୁ ବର୍ତ୍ତମାନ ବଜାରରେ ମିଳୁଥିବା ଆଧୁନିକ ତୁଳୀର ବହୁଳ ବ୍ୟବହାର ହେଉଥିବାର ଲକ୍ଷ୍ୟ କରାଯାଉଛି । ବର୍ତ୍ତମାନର ଶିଳ୍ପୀମାନେ ବି ପାର-।ରିକ ଶୈଳୀର ବ୍ୟବହାର ସହିତ ନୂତନତ୍ୱ କୁ ବି ସ୍ଥାନ ଦେଉଥିବାର ଦେଖାଯାଉଛି ।

ପଟ୍ଟଚିତ୍ର ନିର୍ମାଣରେ ସମୟ ବହୁତ ଲାଗେ ଏବଂ ଅନେକ ଶିଳ୍ପୀ ଏହି ସବୁ କାମପାଇଁ ଦିନ ହିସାବରେ ମୂଲ୍ୟ ନିର୍ଦ୍ଧାରଣ କରନ୍ତି । ଯାହା ପ୍ରାୟତ: ୧୭୦ ରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ହୁଏ । କିନ୍ତୁ ପ୍ରତ୍ୟେକ ଚିତ୍ର ପାଇଁ ଅଲଗା ଅଲଗା ମୂଲ୍ୟ ଦେବାକୁ ହୁଏ । ଘରୋଇ ବା ଓଡିଶା ଭିତରର ଯାତ୍ରୀ ମାନଙ୍କଠାରୁ ବହୁତ କମ ଦାମ ନିଆଯାଏ ବୋଲି କହନ୍ତି ଜନୈକ ଚିତ୍ର ଶିଳ୍ପୀ । କିନ୍ତୁ ଏମାନଙ୍କ ପାଇଁ ଲାଭ ମିଳିଥାଏ ଯଦି କେବେ ବିଦେଶୀ କିମ୍ବା ବଙ୍ଗାଳି ଯାତ୍ରୀ



ଅନେକ ଶିଳ୍ପୀ ଏହାକୁ ମନାକରନ୍ତି ।

ଆମେ ମିଶିଥିଲୁ ତିନିଜଣ ଉତ୍ସାହୀ ଶିଳ୍ପୀଙ୍କୁ । ଆଉ ସେମାନଙ୍କ ଠାରୁ ଜାଣିବାକୁ ପାଇଥିଲୁ ଏହି କଳା ବିଷୟରେ କିଞ୍ଚିତ ଜ୍ଞାନ । ଏହା ଏକ ଭାରୀ କଷ୍ଟକର କଳା କହିଲେ ଅତ୍ୟୁକ୍ତି ହେବନାହିଁ । ଏହାର ମୂଲ୍ୟ



ଯୁଟନ୍ତି । ଯେଉଁମାନେ ପ୍ରକୃତ ମୂଲ୍ୟଠୁ ଢ଼େର ଅଧିକ ମୂଲ୍ୟଦେଇ କିଣିବା କୁ ପଛାନ୍ତି ନାହିଁ ।

ପଟ୍ଟଚିତ୍ର ବ୍ୟତୀତ ଏହି ଗାଁରେ କାଷ୍ଠ କାମ ବି ହୁଏ ଯେଉଁଥିରେ କଅଁଳ କାଠ ଯେମିତି ଗମ୍ଭାରୀ ଓ ନିମ କାଠରେ ବିଭିନ୍ନ ପ୍ରକାରର ମୂର୍ତ୍ତୀ ନିର୍ମାଣ କରାହୁଏ ଏବଂ ଏଥିରେ ମଧ୍ୟ କଳାକାରର ସୃଜନ ଶକ୍ତିର ନିଦର୍ଶନ ମିଳେ ଯେତେବେଳେ ହଠାତ୍ କେଉଁ ଏକ ଶିଳ୍ପୀର କୋଠରୀରେ ଆପଣ ଦେଖିବାକୁ ପାଆନ୍ତି କେବଳ ଗୋଟିଏ କାଠରେ ନିର୍ମିତ ବରପତ୍ର ଉପରେ ଶୋଇଥିବା କୃଷ୍ଣ କିମ୍ବା କ୍ଷିରସାଗରରେ ଶୟନ ରତ ବିଷ୍ଣୁଙ୍କ ମୂର୍ତ୍ତୀ । ଏହା ଅନେକଙ୍କ ଆଚମ୍ବିତ ବି କରିଦିଏ । ଏତେ ସୂକ୍ଷ୍ମ କାରୁକାର୍ଯ୍ୟ କରୁଥିବା ଜନୈକ ଶିଳ୍ପୀ ଗର୍ବର ସହ କହନ୍ତି ଯେ ସେ କେବେ ବି ଭୁଲ କରନ୍ତି ନାହିଁ, ଦୀର୍ଘ ବର୍ଷର ଅଭିଜ୍ଞତା ସେହି ମାନଙ୍କ କେବଳ ପରିଚୟ ହିଁ ନୁହେଁ ବରଂ ନିଜ ଉପରେ ଭରସା ଆଣିଦେଇଛି ।

ଗୋଟିଏ ଗୋଟିଏ ମୂର୍ତ୍ତୀ ନିର୍ମାଣରେ ମାସାଧିକ କାଳ ବ୍ୟସ୍ତ ରହୁଥିବା ଏହି ଶିଳ୍ପୀମାନେ କାଁ ଭାଁ ଆମପରି କୋଣସି କୋତୁହଳି ପର୍ଯ୍ୟଟକଙ୍କୁ ପାଇଲେ ସେମାନଙ୍କ ନିଜ କଳା ନୈପୁଣ୍ୟର ପ୍ରଦର୍ଶନ କରିବାର ମଉକା ଛାଡନ୍ତି ନାହିଁ । ଯଦ୍ୟପି ଗାଁର ପ୍ରତ୍ୟେକ ଘର ସମ୍ମୁଖରେ ବିଭିନ୍ନ କଳାକେନ୍ଦ୍ର ବୋଲି ଲେଖାଯାଇଥିବା ଦେଖାଯାଏ । ଏବଂ ଦିନସାରା ଏହି ଗ୍ରାମରେ ପର୍ଯ୍ୟଟକ ମାନଙ୍କ ଭିଡଲାଗୁଥିବା ଦେଖାଯାଏ ।ରଘୁରାଜପୁର ଗାଁ ଭିତରେ ପ୍ରବେଶ କଲାପରେ ସେଇଠି ପ୍ରାୟ ପ୍ରତ୍ୟେକ ଘର ସାମନାରେ ରାମାୟଣ ଓ ମହାଭାରତର ଚିତ୍ର ଦେଖିବାକୁ ମିଳେ, ଏହା କେବଳ ସରକାରୀ ପ୍ରୋତ୍ସାହନ ଯୋଗୁଁ ସମ୍ଭବ ହୋଇ ପାରିଛ ବୋଲି ଗାଁ ର ଅନେକ ପୁରୁଖାଲୋକ କହନ୍ତି ।

ଗୋଟିପୁଅ ନାଚ ପାଇଁ ମଧ୍ୟ



ଏହି ଗାଁ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ



ରଖିଛି । ଏହି ନୃତ୍ୟର ବିଶେଷତ୍ୱ ଏହା କେବଳ ପୁଅ ମାନଙ୍କଦ୍ୱାରା ହିଁ ହୋଇଥାଏ ଏହାର କାରଣ କହନ୍ତି ଜଣେ ନୃତ୍ୟଶିଳ୍ପୀ, ଝିଅମାନେ କାଳେ ନିଜର ଶରୀରକୁ ସେହି ପରିମାଣରେ ମୋଡିପାରିବେ ନାହିଁ ଯାହା ସେହି ପୁଅମାନେ କରିପାରିବେ । ଏହାର କିଛି ଉଦାହରଣ ଆମ ସମ୍ମୁଖରେ ପ୍ରସ୍ତୁତ କରିଥିଲେ କିଛି ଛାତ୍ର । କିନ୍ତୁ ଏହି ଛାତ୍ରମାନେ କେବଳ ୧୮ ବର୍ଷ ପର୍ଯ୍ୟନ୍ତ ହିଁ ଗୋଟିପୁଅ ନାଚ କରିପାରନ୍ତି ଏହା ପରେ ସେମାନେ ଆଉ ମଞ୍ଚ ଉପରକୁ ଯାଆନ୍ତି ନାହିଁ । ଅଧିକାଂଶ ନୃତ୍ୟଶିଳ୍ପୀ ବୟସ ହୋଇଗଲା ପରେ ନିଜେ ଜଣେ ଜଣେ ଗୁରୁ ହୋଇ ଅନ୍ୟ ମାନଙ୍କୁ ଏହି ବିଦ୍ୟା ଶିଖାନ୍ତି ।

ଯେତେବେଳେ ଓଡିଶା ସରକାର ରଘୁରାଜପୁରକୁ ଏକ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା କଥା ନିଷ୍ପତ୍ତି ନେଇଥିଲେ ତାହାର ଅନେକ କାରଣ ଥିଲା, ପ୍ରଥମତ: ଏହା ପୁରୀ ଓ ଭୁବନେଶ୍ୱର ମଝିରେ ହୋଇ ଥିବାରୁ ଏଠାକୁ ପର୍ଯ୍ୟଟକଙ୍କୁ ନିଶ୍ଚୟ ଭାବରେ ଆକୃଷ୍ଟ କରିବ, ଦ୍ୱିତୀୟତ: ଏହି ଗାଁରେ କେବଳ ପଟ୍ଟଚିତ୍ର ବ୍ୟତୀତ କାଠିଆରି କାମ ବି ହୁଏ ଯାହାର ଅନ୍ତରାଷ୍ଟ୍ରୀୟ ବଜାରରେ ବହୁତ ଅଧିକ ଚାହିଦା ରହିଛି, ଆଉ ତୃତୀୟ କାରଣଟି ହେଲା ଏହି ଗାଁର ପ୍ରସିଦ୍ଧ ଗୋଟିପୁଅ ନାଚ ଯାହା ଭାରତ ସହିତ ବିଶ୍ୱର ଅନେକ ରାଷ୍ଟ୍ରରେ ଅଧିକରୁ ଅଧିକ ପ୍ରସିଦ୍ଧି ଲାଭକରିଚାଲିଛି ।

ପ୍ରକୃତରେ ଏକ ଏମିତି ଗାଁ ଯେଉଁଠି ଅତିଥିମାନଙ୍କୁ ବହୁତ ଆଦରର ସହିତ ସତ୍କାର କରାଯାଏ । ଯେତେବେଳେ ଆମେ ଏହି ଗ୍ରାମରେ ପହଞ୍ଚିଥିଲୁ ଆମେ କେବେବି ଆଶା କରିନଥିଲୁ ଯେଉଁ ପ୍ରକାରର





ଆତ୍ମୀୟତା ଏଇଠି ପ୍ରତ୍ୟେକ ବ୍ୟକ୍ତି ଆମକୁ ଦେଖାଇଥିଲେ । କାରଣ ଯାହା ବି ହେଉ ଭାରତ ସରକାରଙ୍କ ଦ୍ୱାରା ସ୍ତୁତି ଚାଲିଥିବା "ଅତିଥି ଦେବୋଭବ" କାର୍ଯ୍ୟକ୍ରମ ଏହି ଗ୍ରାମରେ ପ୍ରକୃଷ୍ଟ ଉଦାହରଣ ସହିତ ବହୁତ ଦିନରୁ ଚଳି ଆସିଛି । ଆମେ ଆଶାକରୁଛୁ ଆମର ଅନେକ ପାଠକ ଏହି ଲେଖାଟି ପଢିବା ପରେ ନିଶ୍ଚୟ ଆହୁରି ଅଧିକ ଜାଣିବା ପାଇଁ ଇଛା କରୁଥିବେ । ସେଇଥିପାଇଁ ଏହି ସଂଖ୍ୟାରେ ଆମେ ବିଶେଷ ଚିତ୍ରସବୁ ପ୍ରକାଶ କରୁଛୁ । ଯଦି ଆପଣଙ୍କ ମନରେ କୋଣସି ପ୍ରକାରର ପ୍ରଶ୍ନ ଥାଏ ତେବେ ଆଜି ହିଁ ଆମକୁ ଇ-ମେଲ୍ କିମ୍ବା ପତ୍ରଦ୍ୱାରା ସଂପର୍କ କରନ୍ତୁ ।



## ପ୍ରଥମ ପ୍ରେମ

**ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ**

ନ ସହିଚୁ? କିନ୍ତୁ ତୁ ଯାହା ଚାହିଁଛୁ ପାଇଛୁ । ତୋ ନାଁ ଗୋଲାପ କାହିଁକି ହେଲା ଆଉ କିଛି ହେଲାନି



କାହିଁକି??? ଗୋଲାପ ଫୁଲ ଯେମିତି ସୌନ୍ଦର୍ଯ୍ୟ, ପୂଜା ଓ ପ୍ରେମର ଉପହାର ଠିକ ତୁ ବି ସେମିତିଟିଏ ହୋଇପାରିଥିଲେ ବୋଧହୁଏ ଆଜି ତୋ ସୁନାର ସଂସାର ଖୁଶିରେ ହସି ଉଠୁଥାଆନ୍ତା ମୋହନ ଭାଇ ତୋତେ ବହୁତ ଭଲ ପାଉଥିଲା । ସମୟ ଓ ପରିସ୍ଥିତି ମନୁଷ୍ୟକୁ କ୍ରିତଦାସ କରିଦିଏ ।

ଆମେ ସମସ୍ତେ ସମୟ ରଜ୍ଜୁରେ ବନ୍ଧା । ତା'ର ଲୁହ କହୁଥିଲା ସେ ତୋତେ କେତେ ଭଲ ପାଏ । ଏହା କିଛି ସାଧାରଣ କଥା ନଥିଲା କାରଣ ତୁମ ଦୁହିଁଙ୍କର ଜୀବନରେ ଏହା ଥିଲା ପ୍ରଥମ ପ୍ରେମ । ଆଉ କଥାରେ ଅଛି ପ୍ରଥମ ପ୍ରେମକୁ କେହି କେବେ ଭୁଲି ପାରିନି । ଆଉ ପ୍ରଥମ ପ୍ରେମ ଯାହା ନିଜ ଆତ୍ମ ହିଁ ହୋଇଥାଏ ।



ଜାଣିନି ମୋର ଏହି ବିକ୍ଷିପ୍ତ ଭାଷଣ ପରେ ଗୋଲାପ ଅପା ଉପରେ ଏହାର କଣ ପ୍ରଭାବ ପଡିଥିବ, କିନ୍ତୁ ଏବେ ଯେତେବେଳେ ମୁଁ ଗାଁ କୁ ଯାଇଥିଲି ଗୋଲାପ ଅପାକୁ ଦେଖିଲି, ଠିକ ସେମିତି ଅଛି ଯେମିତି ପାଞ୍ଚ ବର୍ଷତଳେ ଥିଲା । ତଥାପି ଅପେକ୍ଷା କରିଛି ପୁଣିଥରେ ମୋହନ ଭାଇ ଆସିବ ପୁଣିଥରେ ଚଉଠିରାତି ପରି ଅନାବିଳ ପ୍ରେମର ବନ୍ଧନରେ ବାନ୍ଧିନେବ ।

## ଏ ଯୁଗର ଏକଲବ୍ୟ

**ସପ୍ତମ ପୃଷ୍ଠାର ଅବଶିଷ୍ଟାଂଶ**

ଗୁଣ୍ଡାବଦମାସ ମାନଙ୍କୁ ଠିକ୍ କରିଦେଇଛନ୍ତି ।

ମାଷ୍ଟ୍ରଙ୍କ ଛାତି କୁଣ୍ଢେମୋଟ ହୋଇଗଲା, ମନେ ମନେ ଭାବିଲେ, 'ଯା ହେଉ ମୋ ଶିକ୍ଷାର କିଛି ତ ଫଳ ମିଳିଲା । ରବି ପରି ଶିଷ୍ୟଟିଏ ପାଇଲେ କେଉଁ ଗୁରୁ ଭଲା ଖୁସି ନ ହେବ?' କନଷ୍ଟେବଲ୍‌କୁ କହିଲେ, 'ତୁମ ଆଜ୍ଞାଙ୍କୁ ମୁଁ ସ୍କୁଲ୍‌ରେ ପାଠ ପଢାଇଥିଲି, ପୁଅ ପରି ସ୍ନେହ କରିଥିଲି । ମୋ ଶିକ୍ଷାରେ କେମିତି ଭୁଲ ହୋଇଥାନ୍ତା? ହେଉ ତୁମ ଆଜ୍ଞା କାହାନ୍ତି? ଟିକେ ଶୀଘ୍ର ଦେଖା କଲେ ଭଲମନ୍ଦ କିଛି ପଚାରି ବୁଝନ୍ତି ।' କନଷ୍ଟେବଲ୍ ମାଷ୍ଟ୍ରଙ୍କୁ ସାଥିରେ ନେଇ ସାହେବଙ୍କ ବସାକୁ ଗଲା, ବାହାରେ ବସିବା କୁ କହି ଭିତରକୁ ଗଲା । କିଛି ସମୟ ପରେ ରବିନ୍ଦ୍ର ନିଜେ ବାହାରକୁ ଆସି କାହ୍ନୁମାଷ୍ଟ୍ରଙ୍କ ପାଦ ଛୁଇଁ ପ୍ରଣାମ କଲାବେଳେ ମାଷ୍ଟ୍ରଙ୍କ ଆଖିରେ ଲୁହ ଧାରଟିଏ ଗଡିଆସିଲା ।

ହାତଧରି ସେ ଯେତେବେଳେ ଭିତରକୁ ନେଲା, ମାଷ୍ଟ୍ରଙ୍କ

ଖୁଶି କହିଲେ ନ ସରେ । ଚଉକି ଉପରେ ବସିବାକୁ କହି ସେ ଭିତରକୁ ଚାଲିଗଲା । କାଛରେ ଟଙ୍ଗା



ହୋଇଥିବା ଭିନ୍ନ ଭିନ୍ନ ଚିତ୍ରସବୁକୁ ଦେଖି ମାଷ୍ଟ୍ରଙ୍କ ଛାତି କୁଣ୍ଢେ ମୋଟ ହୋଇଗଲା । ଏତିକିବେଳେ ଜଣେ ସୁନ୍ଦର ସ୍ତ୍ରୀଲୋକ ହାତରେ ସରବତ ଗ୍ଲାସ୍‌ଟିଏ ନେଇ ଆସିଲା ଆଉ ମାଷ୍ଟ୍ରଙ୍କ ହାତକୁ ଦେବା ପରେ ପାଦଛୁଇଁ ପ୍ରଣାମକଲା, ମାଷ୍ଟ୍ରେ କିଛି ବୁଝିବା ପୁର୍ବରୁ ରବିନ୍ଦ୍ର ଆସି କହିଲା, ' ସାର ଇଯେ ମୋ ସ୍ତ୍ରୀ ।' ସରବତର ପ୍ରଥମ କେଇବୁନ୍ଦା ଯାହା ମାଷ୍ଟ୍ରଙ୍କ ଗଳାପାଖରେ ପହଞ୍ଚିଯାଇଥିଲା ତାହା ତ୍ରିଶଂକୁ ଅବସ୍ଥାରେ ରହିଗଲା । ମାଷ୍ଟ୍ରଙ୍କ ପାଦତଳୁ ଜମି ଖସିଗଲା ପରି ଲାଗିଲା । ସରବତ ଗ୍ଲାସ୍‌ଟିକୁ ଟେବୁଲ୍ ଉପରେ ଥୋଇ ସେ ରବିନ୍ଦ୍ରକୁ ଚାହିଁଲେ, କିନ୍ତୁ ତା' ମୁହଁରେ କିଛି ବି ଗ୍ଲାନି ବା ଭୟ ବା ଦୁଃଖ କିମ୍ବା ଭାବନା ନଥିଲା । କହୁଥିଲା, 'ମୁଁ ପଞ୍ଜାବରେ ଥିଲାବେଳେ ଇଯେ ମୋତେ ମିଳିଗଲେ, ଆଉ ଆମେ ବିବାହ କରିବା ପାଇଁ ସ୍ଥିର କଲୁ । ୟା'ଙ୍କ ବାପା ଆମର ଟ୍ରେନିଂ କଲଏଜରେ ପଢାଉଥିଲେ ଆଉ ଶୀଘ୍ର ବାହା କରିଦେବା ପାଇଁ ଜିଦ୍ କଲେ ସେଇଥିପାଇଁ କାହାକୁ ବି ଖବର ଦେଇ ପାରିଲିନି ।' ମାଷ୍ଟ୍ରଙ୍କ କାନରେ କିଛି ପସୁନଥିଲା, ସେ ଭାରୀ ଅଣନିଃଶ୍ୱାସୀ ଅନୁଭବ କରୁଥିଲେ । ଗାଁ କୁ ଯିବାର ଅଛି କହି ଚାଲିଆସିଲେ । ମୁହଁ ସଞ୍ଜ ଅନ୍ଧାର ହୋଇ ଆସିଲାଣି, ଗାଁ କୁ ଯିବାପାଇଁ ଗାଡି ନଥିଲା ତଥାପି ଚାଲିଚାଲି ଆସିଗଲେ । ଏଣେ ଗାଁ ରେ କହି ଆସିଥିଲେ ରାତି ରବିନ୍ଦ୍ରଘରେ ରହିବେ ବୋଲି, ତେଣୁ ରିନାବି ଶୋଇଯାଇଥିଲା । ଅଧରାତିରେ ବାପା ଫେରିଆସିବା ଦେଖି ବିଚଳିତ ହେଇପଡିଲା ।



ମାଷ୍ଟ୍ରେ କହିଲେ, 'ମା ଏ ଯୁଗର ଏକଲବ୍ୟ ମାନେ ଗୁରୁଙ୍କ ଆଙ୍ଗୁଠି କାଟିନେବା ପରେ ବି ଲଜ୍ଜା କରିବେନି । ସେଇମିତିକା ଜଣେ ଏକଲବ୍ୟକୁ ମୁଁ ଦିନେ ନିଜର ପରମ ଶିଷ୍ୟ ବୋଲି ଭାବିଥିଲି ।' ରିନା ସବୁ ବୁଝିଯାଇଥିଲା ।

ତା ପରଦିନ ସକାଳେ ମାଷ୍ଟ୍ରେ ଆଉ ଦୁଆର ମୁହଁରେ ବସିବାର କେହି ଦେଖିନାହାନ୍ତି । ଦୁଇ ସପ୍ତାହ ଭିତରେ ହିଁ ରିନାର ବାହାଘର ଠିକ କରିଦେଇଥିଲେ ସେ । ଆଉ ଶେଷ ଖବର ମିଳିଲା ବେଳକୁ ସେ ବନାରସରେ ଯାଇ ନିଜେ କରିଥିବା ପାପର ପ୍ରାୟଶ୍ଚିତ କରୁଥିଲେ ବୋଲି ଶୁଣାଯାଉଥିଲା ।

---

## ଯେ ଜୋ ପବ୍ଲିକ ହେ.....

**ଷଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ**

ସର୍ବୋପରି ଚଳଚ୍ଚିତ୍ରରେ ଅଭିନୟ ଆଶାରେ ଆସିଥିବା ଜନୈକା ମହିଳାଙ୍କୁ ଯୌନ ଆବେଦନ କରିବା ।

ଏହାପରେ ଭାରତରେ ବିଶେଷତଃ ହିନ୍ଦୀଭାଷାଭାସୀ ଅଞ୍ଚଳ ମାନଙ୍କରେ ୧୫ ବର୍ଷରୁ ଅଧିକ ଟିଭି ଦର୍ଶକ ମାନଙ୍କ ସଂଖ୍ୟା ଏତେ ବଢିଗଲା ଯେ ଏହା ଇଣ୍ଡିଆ ଟିଭିକୁ ସେତେବେଳର ଅଗ୍ରଣୀ ଆଜ୍‌ତକ୍ ଚାନେଲକୁ ମଧ୍ୟ ପଛରେ ପକାଇଦେଇଥିଲା । ବାସ୍ ଏହା ପରେ ଇଣ୍ଡିଆ ଟିଭିରେ ନିଜର ବିଜ୍ଞାପନ ଦେଖାଇବା ପାଇଁ ବିଜ୍ଞାପନଦାତାଙ୍କ ଧାଡି ଲାଗିଗଲା । ବ୍ୟବସାୟିକ ଲାଭ ଯାହା ହୋଇଥିବ ତାହା ଆପଣମାନେ ସହଜରେ ଅନୁମାନ କରିପାରିଥିବେ ।

ଏମିତିକା ସମ୍ବାଦ ପରିବେଷଣକରି ସଫଳତାର ଶିଢି ଚଢୁଥିବା ଅଭିଯୋଗକୁ ଖଣ୍ଡନ କରି କହନ୍ତି, ଇଣ୍ଡିଆ ଟିଭିର ମୁଖ୍ୟ ସଂପାଦକ ରଜତ ଶର୍ମା, 'ଲୋକମାନେ କେବଳ ଷ୍ଟିଙ୍ଗ୍ ଅପରେସନ୍ ଦେଖୁଛନ୍ତି କହିବା ଠିକ୍ ହେବନି । ଯେମିତି ଅନେକ ରାଷ୍ଟ୍ରୀୟସ୍ତରର ସ୍ୱନାମଧନ୍ୟ ମାଗାଜିନ୍ (ଆଉଟ୍‌ଲୁକ୍, ଇଣ୍ଡିଆ ଟୁଡେ) ବେଳେ ବେଳେ ଯେମିତି ଯୋନ ସଂପର୍କିତ ସର୍ଭେସବୁ କରନ୍ତି, ସେମିତି ଆମେ ବି ବେଳେ ବେଳେ ଏମିତିକା ଖବରର ପ୍ରସାର କରୁ ଯେତେବେଳେ ଆମର ଦର୍ଶକମାନଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଏ ।' ତା'ପରେ ସେ କହନ୍ତି, 'ସମସ୍ତେ ଜାଣନ୍ତି ଚଳଚ୍ଚିତ୍ରରେ କାଷ୍ଟିଙ୍ଗ୍ କାଉଚ୍ ସ୍ଥିତି ଅଛି ଅଥଚ ଆଜି ପର୍ଯ୍ୟନ୍ତ କେହି ଏହା ମାନୁ ନଥିଲେ ।' ଆଉ ସବୁଠୁ ଆଶ୍ଚର୍ଯ୍ୟଜନକ ଭାବରେ ସେ କହନ୍ତି ତା'ଙ୍କ ଟିଭିରେ ଏହି ଖବର ପ୍ରସାରଣ ପରେ ଅନେକ ଚଳଚ୍ଚିତ୍ର ନିର୍ମାତା ନିର୍ଦ୍ଦେଶକ ଠିକ ସମୟରେ ଘରକୁ ଫେରି ଆସୁଥିବା କଥା ସେମାନଙ୍କ ସ୍ତ୍ରୀମାନେ ଫୋନରେ ଶର୍ମାଙ୍କୁ ଧନ୍ୟବାଦ ଦେଇ ଜଣେଇଛନ୍ତି ।

ଇଣ୍ଡିଆ ଟିଭିଦ୍ୱାରା ଆରମ୍ଭ ହୋଇଥିବା ଏହି ନୁଆ ପ୍ରୟାସକୁ

ବର୍ତ୍ତମାନ କେବଳ ଇଣ୍ଡିଆ ଟିଭି ହିଁ ନୁହେଁ ବରଂ ସବୁ ନ୍ୟୁଜ୍ ଚାନେଲ୍ ଆପଣାଇ ନେଇଛନ୍ତି । ପ୍ରତିଯୋଗୀତାର ଏହି ଯୁଗରେ ଏମିତିକା ସମ୍ବାଦ ପରିବେଷଣ ଅନେକ ଚାନେଲ୍ ପାଇଁ ଯାଦୁ କରିଛି, ସେମାନଙ୍କ ଦର୍ଶକ ସଂଖ୍ୟାରେ ବୃଦ୍ଧି ଘଟାଇଛି । ଆଉ ଏହାର ଏକ ବହୁତ ଉପଯୋଗୀ ଦିଗ ବି ରହିଛି । ଆଜ୍‌ତକ୍ ଚାନେଲରେ ପ୍ରସାରିତ 'ଅପରେସନ୍ ଦୁର୍ଯ୍ୟୋଧନ' ରେ ସଂସଦରେ ପ୍ରଶ୍ନ ପଚାରିବା ପାଇଁ ଉତ୍କୋଚ ଗ୍ରହଣ କରୁଥିବା ଏଗାର ଜଣ ସାଂସଦଙ୍କୁ ସଂସଦରୁ ବହିଷ୍କାର କରାଯାଇଛି । ଏହି ଖବର ପରିବେଷଣ କରିବା ପରେ ଆଜ୍‌ତକ୍ ଚାନେଲର ଚାହିଦା ପୁଣିଥରେ ଅହେତୁକ ଭାବେ ବୃଦ୍ଧି ପାଇଛି ।

ଆଜ୍‌ତକ୍ ଚାନେଲ୍‌ର ଏହି ଚାଞ୍ଚଲ୍ୟକାରୀ ସମ୍ବାଦ ପରିବେଷଣର ଏକ ସପ୍ତାହ ପୁରିବା ପୂର୍ବରୁ, ଷ୍ଟାର ଟିଭିରେ ପ୍ରସାରିତ 'ଅପରେସନ୍ ଚକ୍ରବ୍ୟୂହ୍' ରେ ବି ଅନେକ ରାଜନୀତିଜ୍ଞ ନିଜର ଆଞ୍ଚଳିକ ବିକାଶ ପାଣ୍ଠିରୁ ଟଙ୍କା ଖର୍ଚ୍ଚ ବେଳେ କମିସନ୍ ନେଉଥିବା ବେଳେ ଧରାପଡିଛନ୍ତି । ତଥାପି ଅନେକ ରାଜନୀତିଜ୍ଞ ଏହିପରି ସମ୍ବାଦ ପରିବେଷଣକୁ ବେଆଇନ ଓ ଲଜ୍ଜାଜନକ କହି ଆକ୍ଷେପ କରିବାକୁ ମଧ୍ୟ ପଛାଇ ନାହାନ୍ତି, ଯଦ୍ୟପି ଅନେକ ଏହାକୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଆଖ୍ୟାଦେଇଛନ୍ତି, ତଥାପି ଅନେକଙ୍କ ମତରେ ଏମିତି ଖବରର ପ୍ରସାରଣ କେବଳ ସମାଜର ଅଭିବୃଦ୍ଧି ପାଇଁ ହେବା ସପକ୍ଷରେ ମତ ଦେଇଛନ୍ତି ।





ଝାଡଖଣ୍ଡ୍ ଆଇ ଜି ନଟରାଜନ ଜନୈକା ଆଦିବାସୀ କନ୍ୟା ସହିତ ଇଣ୍ଡିଆ ଟିଭିରେ ଶକ୍ତି କପୂର,

ଏହା ସବୁ ସତ୍ତ୍ୱେ ସାଂବାଦିକତାକୁ ପେଶାରୂପରେ ଗ୍ରହଣକରିବା ପାଇଁ ଆଗ୍ରହୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଷ୍ଟିଙ୍ଗ୍ ଅପରେସନ୍ ପ୍ରତି ଅହେତୁକ ଆକର୍ଷଣ ଲକ୍ଷ୍ୟ କରାଯାଇଛି । ଆଉ ଖୁବଶୀଘ୍ର ବଲିଉଡର ବିଖ୍ୟାତ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଖୁବ ଶୀଘ୍ର ଏକ ଚଳଚ୍ଚିତ୍ରରେ ଅଭିନୟ କରିବା ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି ଯାହା ଏହି ବିଷୟବସ୍ତୁ କୁ ନେଇ ନିର୍ମାଣ କରାଯାଉଛି । ଭାରତୀୟ ଟେଲିଭିଜନ୍‌ର ଜନୈକ ବିଶିଷ୍ଟ ସାମ୍ବାଦିକ ମନୋଜ ରଘୁବଂସୀଙ୍କ ଦିଲ୍ଲୀସ୍ଥିତ ଗଣମାଧ୍ୟମ ଶିକ୍ଷାକେନ୍ଦ୍ର, 'ପ୍ରତ୍ୟକ୍ଷ୍ୟ' ରୁ ନିକଟରେ ଉତ୍ତିର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ଷ୍ଟିଙ୍ଗ୍ ଅପରେସନ୍ ବିଷୟରେ ବିଶେଷ ପ୍ରଶିକ୍ଷଣ ନେଇଛନ୍ତି । ତଥାପି ଅନେକ ଏହାକୁ ବର୍ତ୍ତମାନବି ଗୋଟିଏ ସଂପୂର୍ଣ୍ଣ ଭାବରେ ବୃଦ୍ଧିପାଇନଥିବା ବିଷୟବୋଲି ମଧ୍ୟ କହନ୍ତି । ଆଉ ଯଦି ସେମାନଙ୍କ କଥା ଠିକ ହୋଇଥାଏ ତେବେ ଆମକୁ ଆଗକୁ ଆହୁରି ଅନେକ ଜିନିଷ ଦେଖିବାକୁ ଅଛି ଯାହା ବୋଧହୁଏ ଆମେ ଅବଚେତନ ଅବସ୍ଥାରେ ବି ଭାବି ନଥିବା ·

**ଆପଣଙ୍କ ସୁଚିନ୍ତିତ ମତାମତ ଖୁବ ଶୀଘ୍ର ଆମ ନିକଟକୁ ଲେଖି ପଠାନ୍ତୁ ।**

# ସମୟ

ଧାରାବାହିକ କାହାଣୀ

ଦଶମ ପୃଷ୍ଠାର ଅବଶିଷ୍ଟାଂଶ

ହେବନି?' ରିନା ବୋଉ ଖାଲି ଚାହିଁଲା ଆଉ କିଛି କହିଲା ନାହିଁ । ବାବୁ ସବୁ ବୁଝିଗଲାପରି କହିଲେ, 'ହଉ ହଉ ଦେଖିବା, ମୁଁ କଣ ଶତ୍ରୁହୋଇଛି ନା କଣ ଝିଅର? କିନ୍ତୁ ଭଲ ଘର ଭଲ



ବର ମିଳିବା ଜରୁରୀ । କହିଛି, ଦାସଙ୍କୁ କହିଛି ଏସନ ଭଲ ପ୍ରସ୍ତାବ ଟିଏ ଦେଖି ଝିଅବିଦା କରିଦେବା ।' ରିନାବୋଉର ମୁହଁରେ ହସ ଖେଳିଗଲା । ସେ ତରବର ହୋଇ ଉଠି ପୁଣି ସେଇ କଳପରି କାମରେ ବ୍ୟସ୍ତ ହୋଇଗଲା । ସେ ଯା ହେଉ ତା'ର ସେଇ ଗୋଟିଏ ଦିନର ପରିଶ୍ରମ ବୃଥା ଗଲାନି । ଦୁଇଟା ମାସରେ ଝିଅ ଘରୁ ବିଦା ହୋଇଗଲା ।ଯାନିଯୋତୁକ ଦେବା ତ ନଥିଲା । ଥାଆନ୍ତା ବା

କେମିତି ଏତେ ବର୍ଷମଧ୍ୟରେ ବାବୁ ନିଜର ସଉକ ପାଇଁ ପୈତୃକ ସ-ତ୍ତିଟିକକ ଉଡେଇ ଦେଇଥିଲେ । ଯା ହେଉ ଝିଅ ବାହା ହେଲା ରିନାବୋଉ ମୁଣ୍ଡରୁ ସବୁଠୁ ବଡ ବୋଝଟିଏ ଗଲା । ଏବେ ରିନା ବୋଉ ହଠାତ୍ ବୁଢ଼ି ହୋଇପଡିଥିଲା । ଘରେ ତା'କୁ ସାହାଯ୍ୟ କରୁଥିବା ଝିଅଟି ଦୁରକୁ ଚାଲିଗଲା ପରେ ସେ ପୁଣି ଏକା ହୋଇଗଲା ।

ଅବଶିଷ୍ଟାଂଶ ଆଗାମୀ ସଂସ୍କରଣରେ

## ଆପଣଙ୍କୁ ଧନ୍ୟବାଦ ଓ ଅନୁରୋଧ

ଏହି ସଂସ୍କରଣକୁ ରୁପାନ୍ତର କରିବା ପାଇଁ ଆମକୁ ଯେଉଁମାନେ ସାହାଯ୍ୟ କରିଥିଲେ ସେହି ଭାଷାପ୍ରେମୀ ବନ୍ଧୁ ମାନଙ୍କୁ ଆମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ । ଆଶା କରୁଛୁ ଆଗାମୀ ସଂସ୍କରଣରେ ମଧ୍ୟ ଏହିପରି ସହଯୋଗ ଜାରି ରହିବ । ଆପଣ ଯଦି ଏହି ଇ-ପତ୍ରିକା କୁ ପଢି ଖୁଶି ଅନୁଭବ କରୁଥାଆନ୍ତି, ତା'ହେଲେ କେବଳ ନିଜ ମଧ୍ୟରେ ହିଁ ଏହି ଖୁଶିକୁ ବାନ୍ଧି ରଖନ୍ତୁ ନାହିଁ, ଏହି ଇ-ପତ୍ରିକା କୁ ଆପଣଙ୍କ ଚିହ୍ନାପରିଚିତ ଓଡିଆ ବ୍ୟକ୍ତି ମାନଙ୍କୁ ପଠାନ୍ତୁ, କିମ୍ବା ଆମ ନିକଟକୁ ସେମାନଙ୍କ ଇ-ମେଲ୍ ଠିକଣା ଲେଖି ପଠାନ୍ତୁ, ଆମେ ସେମାନଙ୍କ ପାଖକୁ ଏହି ଇ-ପତ୍ରିକା କୁ ପ୍ରତି ମାସରେ ନିଃଶୁଳ୍କ ପ୍ରେରଣ କରିବାର ବ୍ୟବସ୍ଥା କରିବୁ ।

## ଅଷ୍ଟମ ପୃଷ୍ଠାର ଅବଶିଷ୍ଟାଂଶ

ଉପହାର ରୁପେ ଦେଖିଛନ୍ତି । ତେଣୁ ତୁମେ ଫେରିଆସ ଗୋରୀ...... ଆମେ ଆମ ଯାଯାବର ଜୀବନର ଅଲିଭାଦାଗକୁ ବଳିଦାନ ଦେଇ, ରାଜାରାଣୀ ଓ ଜୀବନସାଥୀ ହୋଇ ସୁନାସଂସାର ଗଢିବା, ତା' ସାଥେ ସାଥେ ନାଗଫାସର କାଳଚକ୍ରରୁ ମୁକ୍ତି ପାଇବା ।

ଆଉ ବିଶେଷ କିଛି ଲେଖୁନି କଣ୍ଢେଇ.........ଶେଷରେ ବୁଢିମା', ବଡଭାଉଜଙ୍କୁ ନମସ୍କାର ଦେବ । ତତ୍ ସଙ୍ଗେ ସଙ୍ଗେ ରାମବଳରାମ, କାଶିଆକପିଳା, ଗଙ୍ଗାଯମୁନା, ସାଗରଗଙ୍ଗା, ପୂଜାଚନ୍ଦନ, ଭକ୍ତସାଲବେଗ, ତଅପୋଇ ଓ ପଂଚୁପାଣ୍ଡବଙ୍କୁ ଶୁଭେଚ୍ଛା ଜଣାଇ ଦେବ । ଏବଂ କଳାମାଣିକ ଓ ଜନନୀଙ୍କୁ ଗେଲ୍ଲ ଦେଇଦେବ ।

ଇତି
ତୁମର.........

ଅଭାଗା ଡୋରା, ମନର ବାଦଶାହ୍, ସପନ ବଣିକ, ଏବଂ ରାସ୍ତାର ଲାଟ୍ ସାହେବ୍ ସଜାଇଦେଲି ଅକୁହାକଥା ଗୁଡିକୁ କେତୋଟି ସିନେମା ନାମରେ କାବେରୀ.........ଭୁଲ ବୁଝିବନି ତୁମ ଅନ୍ତରରେ ।

ଡିପ୍ଲୋମା ପ୍ରଥମ ବର୍ଷ ଛାତ୍ର
ରୋଲାଣ୍ଡ ଫାର୍ମାସୀ କଲେଜ,
ବ୍ରହ୍ମପୁର ।

ଆପଣମାନେ ପଠାଇଥିବା ଅସଂଖ୍ୟ ଇ-ମେଲ୍ ଆମକୁ ଅଧିକ ଉତ୍ସାହ ଏବଂ ଆଶା ଆଣିଦେବ । ଆପଣଙ୍କଦ୍ୱାରା ପ୍ରେରିତ ଅନେକ ଇ-ମେଲ୍ ଆମ ପାଖରେ ପହଞ୍ଚିଛି । ଯାହା ଆମେ ଆଗାମୀ ସଂସ୍କରଣରେ ପ୍ରକାଶ କରିବୁ । ଆପଣମାନଙ୍କ ପତ୍ରସବୁ ଆମକୁ ଏହି ପତ୍ରିକା ପ୍ରକାଶନରେ ଆହୁରି ଅଧିକ ଉତ୍ସାହ ଯୋଗାଇଦେବ । ଏହି ସଂଖ୍ୟାରେ ପ୍ରକାଶିତ ଅନେକ କାହାଣୀ ଓ କବିତାପାଇଁ ଆମେ ଆପଣଙ୍କ ମତାମତ ନିମନ୍ତ୍ରଣ କରୁଛୁ । ଆପଣଙ୍କ ସୁଚିନ୍ତିତ ମତାମତ ଆମ ନିକଟକୁ ଲେଖି ପଠାନ୍ତୁ । ଏହା ସହିତ ଲେଖି ପଠାନ୍ତୁ ନିଜ ଦ୍ୱାରା ରଚିତ କ୍ଷୁଦ୍ର ଗଳ୍ପ ଓ କବିତା ।

## ଆମ ଠିକଣା:

ଡା ଜ୍ୟୋତି ପ୍ରସାଦ ପଟନାୟକ
ଆମ୍ବପୁଆ ମେଇନ୍ ରୋଡ୍
ବ୍ରହ୍ମପୁର, ଓଡିଶା-୭୬୦୦୧୦
ଫୋନ୍: ୯୭୩୮୬୮୫୬୯୮
ଇ-ମେଲ୍: dr.odia@gmail.com

ଏହି ଚିତ୍ରଟିକୁ ଆମ ପାଖକୁ ପଠାଇଛନ୍ତି, ଆମର ଜଣେ ପାଠକ ପୁଷ୍ପକ ନାୟକ । ଆହ୍ୱାନ ତରଫରୁ ସେହି ବନ୍ଧୁଙ୍କୁ ବହୁତ ବହୁତ ଧନ୍ୟବାଦ ।

ପାଠକ ମାନଙ୍କ ରୁଚିକୁ ଧ୍ୟାନରେ ରଖି ଆମେ ଏହି ଇ-ମାଗାଜିନ୍‌ରେ କିଛି ପରିବର୍ତ୍ତନ କରିଛୁ । ଯଦି ଆପଣ ଏହାର ପ୍ରଥମ ଅଙ୍କ ପଢିଥିବେ ତା'ହେଲେ ସହଜରେ ଜାଣି ପାରିବେ ଏହି ପରିବର୍ତ୍ତନଟି କଣ? ଆମର ଏହି ଇ-ମାଗାଜିନ୍‌କୁ ଅଧିକ ଜୀବନ୍ତ କରିବା ପାଇଁ ଏଥର ଏହାର ଆକାରରେ ପରିବର୍ତ୍ତନର ଆବଶ୍ୟକତାକୁ ପ୍ରାଧାନ୍ୟତା ଦିଆଯାଇଛି । ସେଇଥିପାଇଁ ଏହି ସଂଖ୍ୟାରେ ପୃଷ୍ଠାସବୁ ପରସ୍ପରକୁ ମୁହଁ କରି ରହିଥିବା ପରି ବ୍ୟବସ୍ଥା କରାଯାଇଛି । ଯାହାଦ୍ୱାରା ପାଠକମାନେ ପତ୍ରିକା ପଠନର ଏକ ଅନନ୍ୟ ଅନୁଭୁତି ପାଇପାରିବେ ।



ଅଷ୍ଟାଦଶ ଶତାବ୍ଦୀରେ ଇଂରେଜ ଶାସକ ମାନଙ୍କ ଦ୍ୱାରା ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ଏକ ଚିତ୍ର ଯେଉଁଥିରେ ଜଗନ୍ନାଥଙ୍କୁ *Juggernaut* ବୋଲି ଦର୍ଶାଯାଇଛି, ଯାହାର ଅର୍ଥ ତତ୍କାଳିନ ଇଂରେଜ ସରକାର ଏକ ଏମିତି ପ୍ରଥାକୁ କହୁଥିଲେ ଯାହାଦ୍ୱାରା ଜଣେ ବ୍ୟକ୍ତି ସ୍ୱେଚ୍ଛାରେ ରଥଚକ ତଳେ ପଡି ନିଜର ଜୀବନ ହରାଉଥିଲା ।